ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008
The Only ISO Certified
Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

E-mail : sambadkalikanews@gmail.com
e-paper www.sambadkalika.in

● ବର୍ଷ–୩୩ ● ସଂଖ୍ୟା–୧୯୬ ● ୧୫ ଅଗଷ୍ଟ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-196 ● 15th August 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ସ୍ୱାଧୀନତା ଦିବସ ପୂର୍ବସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କଲେ ରାଷ୍ଟ୍ରପତି

# 'ସର୍ବଶ୍ରେଷ୍ଠ ଭାରତ' ଗଠନ ପାଇଁ ଭାବନା ରଖନ୍ତୁ

**ନୂଆଦିଲ୍ଲୀ, ୧୪।୮**

୮୦ତମ ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଅବସରରେ ସେ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ଭାରତୀୟଙ୍କୁ ଜାତୀୟ ପର୍ବର ଶୁଭେଚ୍ଛା ଜଣାଇବା ସହ ଆମର ଜାତୀୟ ପତାକା ତ୍ରିରଙ୍ଗା ଆମର ସ୍ୱାଧୀନତାର ପ୍ରତୀକ ଏବଂ ଏହାକୁ ଆମେ ସମସ୍ତେ ଗର୍ବ ଓ ଗୌରବର ସହ ଉତ୍ତୋଳନ କରିଥାଉ ବୋଲି କହିଛନ୍ତି।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତମାତା ପରାଧୀନତାର ଶୃଙ୍ଖଳରୁ ମୁକ୍ତ ହୋଇଥିଲେ ଏବଂ ସମସ୍ତ ଦେଶବାସୀ ସ୍ୱାଧୀନ ଭାରତର ଭାଗ୍ୟନିର୍ମାତା ହୋଇଥିଲେ ବୋଲି ରାଷ୍ଟ୍ରପତି ସ୍ମରଣ କରାଇଛନ୍ତି। ଆମେ ସମସ୍ତେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ମିଳିଥିବା ସୁଯୋଗର ଉପଯୋଗ କରିବା ଏବଂ ଭାରତକୁ ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବା ପାଇଁ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଜଣାଇଛନ୍ତି।



ରାଷ୍ଟ୍ର ଗଠନରେ ଦେଶର ବିଭିନ୍ନ ବର୍ଗର ଅବଦାନକୁ ପ୍ରଶଂସା କରି ସେ କହିଛନ୍ତି ଯେ ନିଷ୍ଠାବାନ୍ ଛାତ୍ରଛାତ୍ରୀ ଓ ଶିକ୍ଷକ, ବୈଜ୍ଞାନିକ, ଯନ୍ତ୍ରୀ, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପରିଶ୍ରମୀ ଶ୍ରମିକ ଏବଂ ଅନ୍ନଦାତା କୃଷକମାନେ ନିଜର ପ୍ରଚେଷ୍ଟା ଦ୍ୱାରା ଦେଶ ଗଠନ କରି ଚାଲିଛନ୍ତି। ଏହାସହ ସମ୍ବିଧାନରେ ପ୍ରଦତ୍ତ ମୌଳିକ କର୍ତ୍ତବ୍ୟ ପାଳନ କରୁଥିବା ସମସ୍ତ ନାଗରିକ ଜାତୀୟ ବିକାଶର ମହତ୍ତ୍ୱପୂର୍ଣ୍ଣ ଅଂଶବିଶେଷ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ନିଜର ସମୃଦ୍ଧ ଐତିହ୍ୟ ଏବଂ ସ୍ୱାଧୀନତା ସଂଗ୍ରାମର ଆଦର୍ଶକୁ ଆପଣାଇ ଆମେ ଆଧୁନିକ ବିକାଶର ମାର୍ଗରେ ଆଗେଇ ଚାଲିଛୁ ବୋଲି ରାଷ୍ଟ୍ରପତି କହିଛନ୍ତି। ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱ ଏବଂ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ସମାଜ ସଂସ୍କାର ଓ ରାଷ୍ଟ୍ର ନିଷ୍ଠାର ଆଦର୍ଶକୁ ସେ ସ୍ମରଣ କରିଛନ୍ତି। ଏହାସହ ସ୍ୱାଧୀନତା ପରେ ୫୫୦ରୁ ଅଧିକ ରାଜ୍ୟକୁ ଏକାଠି କରିବାରେ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସେ ପ୍ରଶଂସା କରିଛନ୍ତି।

ଦେଶର ଆର୍ଥିକ ଓ ସାମାଜିକ ପ୍ରଗତି ସମ୍ପର୍କରେ ଆଲୋକପାତ କରି ରାଷ୍ଟ୍ରପତି କହିଛନ୍ତି ଯେ, ବିଗତ କିଛି ବର୍ଷ ଭିତରେ ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମା ଉପରକୁ ଆସିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ଜରିଆରେ ପ୍ରାୟ ୫୯ କୋଟି ଲୋକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ି ହୋଇଥିବାବେଳେ ସେଥିରେ ୩୨ କୋଟିରୁ ଅଧିକ ମହିଳା ରହିଛନ୍ତି। ସେହିପରି ୮୦ କୋଟି ଲୋକଙ୍କୁ ମାଗଣା ରାସନ ଏବଂ ଆୟୁଷ୍ମାନ ଭାରତ ଯୋଜନା ମାଧ୍ୟମରେ ୬୦ କୋଟି ଲୋକଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ଦେଶରେ ମହାତ୍ମା ଜ୍ୟୋତିବା ପୁଲେ ଏବଂ କ୍ରାନ୍ତିଜ୍ୟୋତି ସାବିତ୍ରୀବାଇ ପୁଲେଙ୍କ ୨୦୦ତମ ଜୟନ୍ତୀ ପାଳନ କରାଯାଉଥିବା କଥା ଉଲ୍ଲେଖ କରି ସେ କହିଛନ୍ତି ଯେ ସାମାଜିକ ନ୍ୟାୟ, ଶିକ୍ଷା ଓ ମହିଳା ସଶକ୍ତିକରଣ କ୍ଷେତ୍ରରେ ସେମାନଙ୍କ ଅବଦାନ ଅତୁଳନୀୟ।

ଭାରତ ଆଜି ବିଶ୍ୱର ସବୁଠାରୁ ଭଲ ଏବଂ ବୃହତ୍ ଡିଜିଟାଲ୍ ଇନଫ୍ରାଷ୍ଟ୍ରକଚର ବିକଶିତ କରିଥିବା *(ପୃଷ୍ଠା ୭ରେ)*

# ୧୯୪୭ ବିଭାଜନ ଥିଲା ମାନବ ସଭ୍ୟତାର ସବୁଠୁ ବଡ଼ ସ୍ଥାନାନ୍ତରଣ



**ଭୁବନେଶ୍ୱର, ୧୪।୮**
**ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଶୁକ୍ରବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଏବଂ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି।


ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ 'ସଂକଳ୍ପ ଦିବସ' ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼ ସ୍ଥାନାନ୍ତରଣ। ବିଭିନ୍ନ ସୂତ୍ରରୁ ମିଳିଥିବା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟି ଲୋକ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହୋଇଥିଲେ। *(ପୃଷ୍ଠା ୭ରେ)*

## ପୁଣି ଓଡିଶାକୁ ଫେରିଲା କୋଭିଡ୍

**ଭୁବନେଶ୍ୱର, ୧୪।୮**
**ନ୍ୟୁଜ୍ ବ୍ୟୁରୋ**

ପୁଣି ଓଡିଶାକୁ ଫେରିଲା କୋଭିଡ୍।ରାଜଧାନୀ ଭୁବନେଶ୍ୱରରେ ପୁଣି ଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ବରମୁଣ୍ଡା ଅଞ୍ଚଳର ଜଣେ ୫୦ ବର୍ଷୀୟ ବ୍ୟକ୍ତି କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ନେଇ ଜଣାପଡିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଆକ୍ରାନ୍ତ କେଉଁଠାରୁ ସଂକ୍ରମିତ ହୋଇଛନ୍ତି ସେନେଇ ସୂଚନା ମିଳିନାହିଁ।ବିଗତ କିଛି ଦିନର ବ୍ୟବଧାନ ପରେ ପୁଣି ଓଡିଶାକୁ ଫେରଛି କୋଭିଡ।




## ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ

**ଭୁବନେଶ୍ୱର, ୧୪।୮**
**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସୋମବାର (୧୭ ତାରିଖ) ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଏହି ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତାରେ ସୂଚନା ଦିଆଯାଇଛି। ଶୁକ୍ରବାର ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ସୂଚନାରେ *(ପୃଷ୍ଠା ୭ରେ)*

## ବିନୟତୋଷ ମିଶ୍ରଙ୍କୁ ଡିଜିପି ଦାୟିତ୍ୱ



**ଭୁବନେଶ୍ୱର, ୧୪।୮**
**ନ୍ୟୁଜ୍ ବ୍ୟୁରୋ**

କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ଡିଜିପି ୱାଇ ବି ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ୧୯୯୩ ବ୍ୟାଚ୍ ଆଇପିଏସ୍ *(ପୃଷ୍ଠା ୭ରେ)*

## ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ସମ୍ବାଦ କଳିକାର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

**ପରିଚାଳକ**

## ଛୁଟି ଘୋଷଣା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୧୫.୮.୨୦୨୬ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୬.୮.୨୦୨୬ ସନ୍ଧ୍ୟାରେ ପ୍ରକାଶ ପାଇବ ।

**ପରିଚାଳକ**

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୮୯ (-୭୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪, ୦୧୫ (-୬୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୬୭ (-୫୩)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୫୫ (+୦)

## ୬ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

# ସରକାରୀ ଜମିରେ ଗଞ୍ଜେଇ ଚାଷ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୪।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ସରକାରୀ ଜମିରେ ଅବୈଧ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୋକିବା ପାଇଁ କ୍ଷେତ୍ରସ୍ତରରେ ନିରନ୍ତର ଓ ସମନ୍ୱିତ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବ। ଏ ସଂକ୍ରାନ୍ତରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲ୍ଲାର କ୍ଷେତ୍ରସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କୁ ସଜାଗ ରହିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି ।

ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଫସଲ ଋତୁରେ ଚାଲିଥିବା ଗଞ୍ଜେଇ ନଷ୍ଟ ଅଭିଯାନ ସମୟରେ ଓଡ଼ିଶା ପୋଲିସ୍ ପକ୍ଷରୁ ଉପରୋକ୍ତ ୬ଟି ଚିହ୍ନଟ ଜିଲ୍ଲାର ୪୧ଟି ଥାନା ଅଧୀନରେ ମୋଟ ୩୬,୫୦୮.୭୯୨ ଏକର ଅଞ୍ଚଳରେ ଥିବା ୧,୬୩୧ଟି ଜିପିଏସ-ମ୍ୟାପ୍‌ଡ୍ ଜମି ଖଣ୍ଡରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି । ଏଥିମଧ୍ୟରୁ ୬,୬୩୨.୧୯୭ ଏକର ଜମି ସରକାରୀ ରାଜସ୍ୱ ଜମି ବୋଲି ଚିହ୍ନଟ ହୋଇଛି।

ପୂର୍ବ ଫସଲ ଋତୁରେ, ଅର୍ଥାତ୍ ୨୦୨୫ ନଭେମ୍ବରରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଯେଉଁ ସ୍ଥାନଗୁଡ଼ିକରେ ଅବୈଧ ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିଲା, ସେସବୁ ସ୍ଥାନର ଜିପିଏସ କୋ-ଅର୍ଡିନେଟ୍ ମଧ୍ୟ ପୋଲିସ୍ ବିଭାଗ ପକ୍ଷରୁ ଉପଲବ୍ଧ କରାଯାଇଛି। ଏହି ତଥ୍ୟକୁ ଆଧାର କରି ସମ୍ପୃକ୍ତ ଜମିଗୁଡ଼ିକ ଉପରେ ବ୍ୟବସ୍ଥିତ ଓ ନିରନ୍ତର ନିରୀକ୍ଷଣ କରାଯିବ।

ବିଶେଷକରି ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଅବୈଧ ଗଞ୍ଜେଇ ଚାଷରେ ଜଡ଼ିତ ବ୍ୟକ୍ତିମାନେ ପ୍ରତିବର୍ଷ ସମାନ ସରକାରୀ ରାଜସ୍ୱ ଜମିକୁ ପୁନର୍ବାର ଚାଷ ପାଇଁ ବ୍ୟବହାର କରିବାର ପ୍ରବଣତା ରହିଥିବାରୁ ଏଥିପ୍ରତି ସଜାଗ ରହିବାକୁ ରାଜସ୍ୱ ସଚିବ ଡ. ପାଢ଼ୀ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୬-୨୭ ଫସଲ ଋତୁ ଆରମ୍ଭ ହୋଇଥିବାରୁ ପୂର୍ବରୁ ଚାଷ ନଷ୍ଟ କରାଯାଇଥିବା ଜମିରେ ପୁନର୍ବାର ଗଞ୍ଜେଇ ଚାଷ ହେବାର ଆଶଙ୍କା ରହିଥିବାରୁ ଏହି ଅଞ୍ଚଳଗୁଡ଼ିକରେ ବିଶେଷ ନଜର ରଖିବାକୁ ସମସ୍ତ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ତହସିଲଦାର, ଅତିରିକ୍ତ ତହସିଲଦାର,ରାଜସ୍ୱ ନିରୀକ୍ଷକ (ଆରଆଇ) ଓ ରାଜସ୍ୱ ସୁପରଭାଇଜରମାନଙ୍କୁ ସମନ୍ୱିତ ପଦକ୍ଷେପ ନେବାକୁ କୁହାଯାଇଛି । ପୂର୍ବରୁ ଅବୈଧ ଗଞ୍ଜେଇ ଚାଷ ଚିହ୍ନଟ ଓ ନଷ୍ଟ କରାଯାଇଥିବା ସମସ୍ତ ସରକାରୀ ରାଜସ୍ୱ ଜମି ଉପରେ ନିରନ୍ତର *(ପୃଷ୍ଠା ୭ରେ)*

ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)

15001/88/2627

୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ। ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି। ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/15001/2/26-27/0088

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଅଗଷ୍ଟ ୨୦୨୬ ଶନିବାର





# ଟ୍ରାଫିକ୍ ନିୟମ ଉଲ୍ଲଂଘନ:୧୧ହଜାର ଚାଲାଣ ସହ ୨୮ଗାଡ଼ି ଜବତ

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଅମାନିଆ ଗାଡ଼ିଚାଳକଙ୍କ ବିରୋଧରେ ପୁଣି ଥରେ ଆରମ୍ଭ ହୋଇଛି ଚଢ଼ଉ ଅଭିଯାନ । ଗତ ଦୁଇ ଦିନରେ ବିଭିନ୍ନ ମୋଟରଯାନ ଆଇନର ଉଲ୍ଲଂଘନ ଅଭିଯୋଗରେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ଙ୍କ ପକ୍ଷରୁ ଗାଡ଼ି ଚାଳକମାନଙ୍କ ବିରୋଧରେ ପ୍ରାୟ ୧୧ ହଜାର ଚାଲାଣ କରାଯାଇଛି । ସେହିପରି ୨୮ଟି ଗାଡ଼ି ମଧ୍ୟ ଜବତ ହୋଇଛି। ଚାଲାଣ କଟିଥିବା ଗାଡ଼ିଚାଳକମାନଙ୍କ ମଧ୍ୟରୁ ସର୍ବାଧିକ ହେଲ୍‌ମେଟ୍ ପିନ୍ଧିନଥିବା ଉଲ୍ଲଂଘନକାରୀମାନେ ରହିଥିବା ଦେଖାଯାଇଛି । ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗତ ଦୁଇଦିନ ଧରି ସ୍ୱତନ୍ତ୍ର ଭାବେ ବିଭିନ୍ନ ସ୍ଥାନମାନଙ୍କରେ ଜୋର୍‌ଦାର୍ ଯାଞ୍ଚ କରାଯାଉଛି । ଏହି ଯାଞ୍ଚର ଉଦ୍ଦେଶ୍ୟ କେବଳ ଜରିମାନା ନୁହେଁ ଏଥିରେ ଉଲ୍ଲଂଘନକାରୀମାନଙ୍କୁ ସଚେତନ ମଧ୍ୟ କରାଯାଉଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)ର ଅତିରିକ୍ତ କମିସନର ଦୀପ୍ତିରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଆରଟିଓଙ୍କୁ ଏ ଦିଗରେ ଆବଶ୍ୟକ ପରାମର୍ଶ ଦିଆଯାଇଛି । ଏହି ଦୁଇ ଦିନରେ ୧୦ ହଜାର ୯୮୮ ଜଣ ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ଚାଲାଣ କଟାଯାଇଛି । ଏଥିରେ ହେଲ୍‌ମେଟ୍ ନପିନ୍ଧି ଗାଡ଼ି ଚଳାଉଥିବା ୩ ହଜାର ୯୯୪ ଜଣ ଗାଡ଼ି ଚାଳକ ଅଛନ୍ତି । ସେହିପରି ଗାଡ଼ି ପଛରେ ବସି ହେଲ୍‌ମେଟ୍ ପିନ୍ଧିନଥିବା ନେଇ ୧୦୨୭ ଜଣଙ୍କ ବିରୋଧରେ, ଅଧିକ ବେଗରେ ଯାଉଥିବା ୧ ହଜାର ୪୦୯ ଜଣ ଓ ମଦ ପିଇ ଗାଡ଼ି ଚଳାଉଥିବା ୫୨ ଜଣଙ୍କ ବିରୋଧରେ ଚାଲାଣ କଟାଯାଇଛି । ଇନ୍‌ସ୍ୟୁରାନ୍ସ ନଥିବା ୪୧୫ଟି ଗାଡ଼ି ବିରୋଧରେ ବି ଚାଲାଣ କଟାଯାଇଛି । ସିଟ୍ ବେଲ୍ଟ ପିନ୍ଧିନଥିବାରୁ ୨୫୮ଟି ଚାଲାଣ ଓ ପଞ୍ଜୀକରଣ ନଥିବା ୧୨୮ଟି ଗାଡ଼ି ବିରୋଧରେ ମଧ୍ୟ ଚାଲାଣ କଟାଯାଇଛି । ଏହି ଯାଞ୍ଚ ପ୍ରକ୍ରିୟା ଜାରି ରଖିବାକୁ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ଯାଞ୍ଚର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଲୋକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିବା । ଲୋକେ କେବଳ ନିୟମ ଉଲ୍ଲଂଘନ କରୁନାହାନ୍ତି ସେମାନେ ଏହାଦ୍ୱାରା ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ବିପଦ ଡାକି ଆଣୁଛନ୍ତି ବୋଲି ଶ୍ରୀ ପାତ୍ର କହିଛନ୍ତି ।

# ପ୍ରବଳ ବର୍ଷା:ବାରିପଦା ସହରବାସୀଙ୍କ ହଟହଟା



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ରାତିରେ ପ୍ରବଳ ବର୍ଷା ଯୋଗୁଁ ବାରିପଦା ସହରର ବିଭିନ୍ନ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରି ବିଭିନ୍ନ ସ୍ଥାନରେ ଜଳ ବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି ଏବଂ ବିଭିନ୍ନ ପୋଲ ଉପରେ ପାଣି ପ୍ରବାହିତ ହୋଇଛି । ବାରିପଦା ସହରର ନଗରପାଳ ଭୋର୍ ୪ଟାରୁ ସମସ୍ତ ଅଞ୍ଚଳ ବୁଲି ବିଭିନ୍ନ ସ୍ଥାନରେ ମଟର ପମ୍ପ ଲଗେଇ ବର୍ଷା ଜଳ ନିଷ୍କାସନ କରିବାର ବ୍ୟବସ୍ଥା କରିଛନ୍ତି । ବାରିପଦା ପୌରପାଳିକାର ଉପ ନଗରପାଳ ଏବଂ ସମସ୍ତ କାଉନ୍‌ସିଲର ମାନେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି । ଭୟଭୀତ ହୁଅନ୍ତୁନାହିଁ, ଆମେ ସବୁବେଳେ ଆପଣଙ୍କ ସେବାରେ ଅଛୁ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ସମସ୍ତଙ୍କୁ ନେଇ, ବିଭିନ୍ନ ଅଞ୍ଚଳରେ ପହଞ୍ଚି ସ୍ଥିତିକୁ ତଦାରଖ କରିବା ସହିତ ଉପସ୍ଥିତ ପଦକ୍ଷେପ ନେଉଛନ୍ତି ।

# ସ୍ୱାଧୀନତା ଦିବସ ପାଳନର ଅନ୍ତସ୍ୱର...



**ଅମର ପ୍ରସାଦ ଶତପଥୀ**

ଅଗଷ୍ଟ ମାସ ୧୫ ତାରିଖ ଭାରତୀୟ ସ୍ୱାଧୀନତା ଦିବସ ପାଳନର ବିଧି ରକ୍ଷା କରାଯାଉଅଛି । ପ୍ରାୟ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ପରାଧୀନତାର ଶୃଙ୍ଖଳରେ ବନ୍ଧା ହେଇଥିବା ଭାରତ ମାତାଙ୍କୁ ବନ୍ଧନରୁ ମୁକ୍ତ କରି ସ୍ୱାଧୀନତାର ସୂର୍ଯ୍ୟାଲୋକ ସ୍ୱାଦ ଆସ୍ୱାଦନ କରିବାର ଦିବସକୁ ଜାତୀୟ ଦିବସ ଭାବେ ପାଳନ କରାଯାଉଅଛି । ଜାତୀୟ ପତାକା ଉତ୍ତୋଳନ, ଆକର୍ଷଣୀୟ ପ୍ୟାରେଡ ଦେଶାତ୍ମକବୋଧକ ସଙ୍ଗୀତ ଗାନ ସହ ମିଷ୍ଟାନ ବଣ୍ଟନ ଉତ୍ସବର ଆୟୋଜନ ପାଇଁ ସରକାରୀ ସ୍ତରରେ ତଥା ବହୁ ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ସଂଗଠନ, ରାଜନୈତିକ ଦଳର ପାଳନ କରିବାରେ ବ୍ୟଗ୍ରତା ଥାଏ । ସଂଗୀତ ଗାନ, ବକ୍ତୃତା ପ୍ରତିଯୋଗିତା ମଧ୍ୟରେ ଶିକ୍ଷାନୁଷ୍ଠାନ ଆଗଭର ହେଇଥାନ୍ତି । କିନ୍ତୁ ସ୍ୱାଧୀନତା ଦିବସର ଅନ୍ତସ୍ୱର ଏଭଳି ଆଡମ୍ବର ପୂର୍ଣ୍ଣ ଉତ୍ସବ ପାଳନ ମଧ୍ୟରେ ଆତ୍ମ ସତ୍ତା ହରାଇ ଦେଇଥାଏ । ସ୍ୱାଧୀନୋତ୍ତର ଭାରତବର୍ଷର ଏକଦଶନ୍ଧି ପର୍ଯ୍ୟନ୍ତ ସ୍ୱାଧୀନତା ଆନ୍ଦୋଳନର ଘଟଣାବଳୀ ଓ ପୃଷ୍ଠଭୂମି ସମସ୍ତଙ୍କ ମନରେ ସତେଜ ଥିବାଭଳି ପ୍ରତିଭାତ ହେଉଥିଲା । ଏହି ଜାତୀୟ ଦିବସ ପାଳନର ଆବେଗ, ଉତ୍ସାହ, ଉଦ୍ଦାମତା କ୍ରମଶଃ କ୍ଷୀଣ ହେବାରେ ଲାଗିଛି । ନାହିଁ ଆନ୍ତରିକତା, ଉଦ୍ଦୀପନା, ଗତାନୁଗତିକ ଯନ୍ତ୍ରବତ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବା ସ୍ୱାଧୀନଚେତା ଜନଗଣଙ୍କ ମନରେ ଏକାଧିକ ପ୍ରଶ୍ନରାଜି ସୃଷ୍ଟି କରୁଅଛି । କଣ ଦୁର୍ବଳତା ରହିଲା ଆମ ମୁକ୍ତି ସଂଗ୍ରାମରେ ? ସମଗ୍ର ବିଶ୍ୱକୁ ଅହିଂସା, ସତ୍ୟାଗ୍ରହ, ଶାନ୍ତିର ସନ୍ଦେଶ ଦେଉଥିବା ଏହି ସଂଗ୍ରାମର ସ୍ୱର କଣ ପାଇଁ ମନରେ ଶିହରଣ ସୃଷ୍ଟି କରୁନାହିଁ ?

ଆମ ପୂର୍ବଜ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ମାନଙ୍କ ବଳିଦାନକୁ ଏହି ଜାତି ବିସ୍ମରଣ ଗର୍ଭକୁ ଠେଲିଦେଇ ଭିନ୍ନ ରାସ୍ତାରେ ଆପଣେଇ ନେବାର ଉଦ୍ୟମ ସଂଗ୍ରାମୀ ମାନଙ୍କୁ ବେଦନା ଭରିଦେଉଅଛି । ତ୍ୟାଗ, ତପସ୍ୟା, ବଳିଦାନ ଭାଷା କେବଳ ଶବ୍ଦକୋଷ ମଧ୍ୟରେ ସୀମିତ ହୋଇରହିଯିବ । ସମୟ ଆସିଅଛି ଏହି ପ୍ରଶ୍ନ ସମୂହର ଉତ୍ତର ଖୋଜିବା ଓ ଆଗାମୀ ପିଢ଼ିକୁ ଏହି ଅନନ୍ୟ ସଂଗ୍ରାମ ଇତିହାସରେ ପ୍ରେରିତ କରିବାର ଉପାଦାନ ସୃଷ୍ଟି କରିବା ପାଇଁ ସଠିକ୍ କାର୍ଯ୍ୟ ପନ୍ଥା ଗ୍ରହଣ କରିବା ।

ବ୍ରିଟିଶ ଶାସନର ଗୋରା ପୋଲିସ ସ୍ୱାଧୀନତା ଆନ୍ଦୋଳନକାରୀଙ୍କୁ ବିଦ୍ରୋହୀ, ଦେଶଦ୍ରୋହୀ ଭାବରେ ଚିତ୍ରଣ କରୁଥିବା ବେଳେ କଠୋରରୁ କଠୋର ଦଣ୍ଡ ପାଇଥିବା ସଂଗ୍ରାମୀ ମାନେ ସ୍ୱତନ୍ତ୍ର ସେନାନୀ ଭାବେ ଗର୍ବ କରି ହସି ହସି ଆନନ୍ଦ ପାଉଥିଲେ । ଦେଶ ମାତୃକାକୁ ଶୃଙ୍ଖଳମୁକ୍ତ କରିବା ପାଇଁ ଫାଶି ଖୁଣ୍ଟରେ ମୃତ୍ୟୁବରଣ କଲାବେଳେ ମାତୃ ବନ୍ଦନା ଗାଇ କୃତଜ୍ଞ ହେଉଥିଲେ । ଘର ସଂସାର ଛାଡି ଦେଶଭକ୍ତିରେ ଉଦ୍‌ବୁଦ୍ଧ ଯୁବକମାନେ ମାତୃ ପୂଜା ବନ୍ଦନରେ ପରମ ସନ୍ତୋଷ ଲାଭ କରୁଥିଲେ । ସେହି ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜୀବନ ଦର୍ଶନ, ଜୀବନଚାର୍ଯ୍ୟା ସମସ୍ତଙ୍କ ପାଇଁ ଅନୁକରଣୀୟ ।

ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ସ୍ୱାଧୀନ ଭାରତର ସ୍ଥିତି କଣ ? ସମାଜ ଜୀବନକୁ ଗ୍ରାସ କରିଥିବା ଅନାଚାର, ଭ୍ରଷ୍ଟାଚାର ଦେଶପ୍ରେମୀ ମାନଙ୍କ ମନକୁ ବ୍ୟଥିତ କରୁଅଛି । ଅର୍ଦ୍ଧ ରାତ୍ରରେ ସ୍ୱଚ୍ଛନ୍ଦ ଓ ନିର୍ଭୟରେ ଯାତ୍ରା କରିବା ଦୂରର କଥା ଦିବା ଦ୍ୱିପ୍ରହରେ ନାରୀମାନଙ୍କ ପ୍ରତି ଅସଦାଚରଣ ଭଳି ଅଘଟଣର ବୃଦ୍ଧି ପାଉଅଛି ।

ନିଶାମୁକ୍ତ ଭାରତର ସ୍ୱପ୍ନ ଆଜି ସୁଦୂର ପରାହତ । ୧୯୭୭ ମସିହାରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମୋରାଜୀ ଭାଇ ଦେଶାଇ ସମଗ୍ର ଦେଶରେ ନିଶା ନିବାରଣ ପାଇଁ ପଦକ୍ଷେପ ନେଲାବେଳେ ପିଲୁ ମୋଦି ସମେତ ଅନେକ ରାଜନେତା ଏହାର ତୀବ୍ର ବିରୋଧ କଲେ । ମୋରାଜୀ ଭାଇ ନେତୃତ୍ୱ ଗଠିତ ଜନତା ପାର୍ଟି ସରକାରର ପତନର ଏହା ଅନ୍ୟ ଏକ କାରଣ । ଧନୀ ଦରିଦ୍ର ମଧ୍ୟରେ ବିଷମତା ଦୂରକରି ସମତାଭିତ୍ତିକ ସମାଜ ଗଠନ କେବଳ ସ୍ଲୋଗାନ୍‌ରେ ଅଥବା ଭାଷଣରେ ସୀମିତ । ଜାତି ଓ ଧର୍ମ ଜନିତ ବିଦ୍ୱେଷ ଜନ ଜୀବନରେ ଶାନ୍ତି ସଂହତିର ବାଧକ ସାଜିଛି । ସର୍ବୋପରି ଭ୍ରଷ୍ଟାଚାର ସବୁ କ୍ଷେତ୍ରରେ ଦେଖା ଦେଉଥିବା ବେଳେ ଏହା ସାଧାରଣ ଚଳଣି ଭାବେ ବିବେଚିତ ହେଉଅଛି । ଗଣତନ୍ତ୍ର ଅବକ୍ଷୟ ହୋଇ ଦଳ ତନ୍ତ୍ର ଏପରିକି ଜଣ ତନ୍ତ୍ରରେ ବନ୍ଧା ପଡିଛି । ବ୍ୟକ୍ତି ଚରିତ୍ରର ସ୍ଖଳନ ମୁଖ୍ୟ ଆମ ଜନଜୀବନକୁ କଳୁଷିତ କରୁଅଛି । ବିଧାନସଭା ଅଥବା ସଂସଦରେ ଅଶାଳୀନ ଅଭଦ୍ରୋଚିତ ସମ୍ବାଦ ଗୁଡିକ ଗଣମାଧ୍ୟମର ପ୍ରଥମ ପୃଷ୍ଠା ମଣ୍ଡନ କରୁଅଛି ।

ପ୍ରଜ୍ଞା, ପରିବର୍ତ୍ତେ ଅଜ୍ଞତା ଭୂଷଣ ହୋଇଅଛି । ଜାତୀୟ ଜୀବନର ପରିବର୍ତ୍ତେ ସମସ୍ତ ବ୍ୟକ୍ତି ସର୍ବସ୍ୱ ହୋଇଅଛି । କୃତ୍ରିମ ବୁଦ୍ଧିମତାର ବହୁଳ ପ୍ରଚଳନ ସୃଜନଶୀଳନତାର ପଥ ରୋଧ କରୁଅଛି । ସ୍ୱରାଜ, ସୁରାଜ, ସ୍ୱାବଲମ୍ବୀ ଭାରତ ଗଠନର ସ୍ୱପ୍ନ ସାକାର ହେଉନାହିଁ । କୃତିମ ବୁଦ୍ଧିମତାର ବ୍ୟବହାର ଫଳରେ ସ୍ୱାବଲମ୍ବୀ ହେବା ସ୍ଥାନରେ ନିର୍ଭରଶୀଳତା ବୃଦ୍ଧି ପାଉଅଛି । ଏହା ଦେଶକୁ ଭିନ୍ନ ପରାଧୀନତା ଆଡକୁ ଅଗ୍ରସର ହେବାରେ ସାମର୍ଥ୍ୟ ଯୋଗାଉଛି । କୂଳବୃଦ୍ଧ ମଧୁସୂଦନଙ୍କ ନୂତନ ଜାଗରଣର ଆହ୍ୱାନ, ଉତ୍କଳମଣି ଗୋପବନ୍ଧୁ କାରା କବିତା, ବାଞ୍ଛାନିଧି ମହାନ୍ତିଙ୍କ ଦେଶାତ୍ମକ ବୋଧକ ସଂଗୀତ ଦେଶ ପ୍ରେମର ଜୀବନ୍ତ ସ୍ୱରୂପ ଥିଲା । କିନ୍ତୁ ଦେଶାତ୍ମକ ବୋଧକ କବିତା ଆଜିର ଯୁବକମାନଙ୍କ ମନକୁ ଆନ୍ଦୋଳିତ କରୁନାହିଁ ।

ସମୟ ଆସିଛି ସ୍ୱାଧୀନତା ସଂଗ୍ରାମର ସମ୍ପୂର୍ଣ୍ଣ ଇତିହାସକୁ କେବଳ ଅଧ୍ୟୟନ ନୁହଁ, ମନନ ଓ ଚିନ୍ତନ କରିବା । ଅଜ୍ଞାନ ରୂପକ ଚକ୍ଷୁରେ ଜ୍ଞାନଲୋକରେ ଭରିଦେବା । ବିଦ୍ୟାଳୟ ଠାରୁ ଆରମ୍ଭ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ପାଠ ପଢାଇବା ବ୍ୟବସ୍ଥା କରିବା । ଗାନ୍ଧୀ, ଗୋପବନ୍ଧୁ, ଖୁଦିରାମ, ଭଗତ ସିଂ ଆଦି ସଂଗ୍ରାମୀ ଜୀବନୀ ପଠନ ସହ ସେଭଳି ତ୍ୟାଗରୁ ଶିକ୍ଷା ଲାଭକରି ନିର୍ବାପିତ ହୋଇଆସୁଥିବା ଏହି ଇତିହାସକୁ ଜୀବନ୍ତ ଓ ପ୍ରାଣଦାନ କରିବା । ନବଜାଗରଣର ଆବଶ୍ୟକତା ରହିଅଛି । ବିକାଶ ସହ ବିରସାତକୁ ଆପଣେଇନେବ । ଆବେଗଭରା କଣ୍ଠରେ ଉଚ୍ଚ ସ୍ୱରରେ ଦେଶଭକ୍ତି ସଂଗୀତ ଗାନ କରି ଭାରତ ମାତାର ପୂଜନ କରିବା । ଦେଶର ସ୍ୱାଧୀନତା ଅଖଣ୍ଡତା ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ ସଂକଳ୍ପ ଓ ପ୍ରତିବଦ୍ଧତାର ପରିଚୟ ଦେବା । କଷ୍ଟଲବ୍ଧ ସ୍ୱାଧୀନତା ଓ ସଂଗ୍ରାମୀ ମାନଙ୍କ ବୀରତ୍ୱର ଅମୂଲ୍ୟ ସମ୍ପଦକୁ ସାଇତି ରଖିବା । ନୂତନ ସ୍ପନ୍ଦନରେ ଶିହରିତ ହୋଇ ସ୍ୱାଧୀନତା ଦିବସ ପାଳନର ଅନ୍ତସ୍ୱରକୁ ସଠିକ୍ ଭାବେ ଅନୁପାଳନ କରିବା ।

*ପୂର୍ବତନ ମନ୍ତ୍ରୀ, ଓଡ଼ିଶା*

## ଉତ୍କଳ ବାଳାଶ୍ରମରେ ଅନିୟମିତତା

# ଭାତରେ ପୋକ:ରୋଷେୟା ବହିଷ୍କୃତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ଅନାଥ ଶିଶୁ ଆଶ୍ରୟସ୍ଥଳ ଉତ୍କଳ ବାଳାଶ୍ରମରେ ବ୍ୟାପକ ଅନିୟମିତତା ସାମ୍ନାକୁ ଆସିଛି । ଭାତରେ ମଲା ପୋକ ଥିବା ସତ୍ତ୍ୱେ ଶିଶୁଙ୍କୁ ଖାଇବାକୁ ଦିଆଯାଇଥିବା ଭଳି ସାଂଘାତିକ ଅଭିଯୋଗ ଆସିଛି । ଯାହାକି ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ଅଧ୍ୟକ୍ଷା ଲିନା ବାବୁଙ୍କ ଆକସ୍ମିକ ପରିଦର୍ଶନ ସମୟରେ ଏହି ଅନିୟମିତତା ଧରାପଡିଛି । ବାଳାଶ୍ରମରେ ଅନାଥ ଶିଶୁ ମାନଙ୍କୁ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ହୋଇଥିବା ବେଳେ ଭାତରେ ଖାଲି ପୋକ ଥିବା ଦେଖାଯାଇଥିଲା । ଷ୍ଟୋର୍ ରୁମ୍‌ରେ ରଖାଯାଇଥିବା ଚାଉଳରେ ମଧ୍ୟ ବହୁ ପରିମାଣରେ ପୋକ ଥିବା ଦେଖିବାକୁ ମିଳିଥିଲା । ବାଳାଶ୍ରମ ପରିଚାଳନାରେ ବ୍ୟାପକ ଅନିୟମିତତା ଓ ମନମାନି ହେଉଛି । ପିଲା ଅଭିଯୋଗ କଲେ ତାଙ୍କୁ ଦାୟିତ୍ୱରେ ଥିବା ସୁପରିନ୍‌ଟେଣ୍ଡେଣ୍ଟ ମ୍ୟାଡ଼ାମ୍ ନାଲି ଆଖି ଦେଖାଉଥିବା ବିଷୟ ପିଲାମାନେ ଖୋଦ୍ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ବିଷୟ ଜଣାପଡିଛି । ସିଡବ୍ଲ୍ୟୁସି ଅଧ୍ୟକ୍ଷା ଏ ନେଇ ତୁରନ୍ତ ଫୋନ୍ ଯୋଗେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ସୂଚନା ପାଇ ବିଭାଗୀୟ ଅଧିକାରୀ ବାଳାଶ୍ରମରେ ପହଞ୍ଚି ରୋଷେଇ ଘରେ ଥିବା ଭାତର ମାନ ଦେଖିଥିଲେ । ସେପଟେ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଘଟଣା ସମ୍ପର୍କରେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ବାଳାଶ୍ରମ ପରିଚାଳନାରେ ଅବହେଳା ସମ୍ପର୍କରେ ଚିଠି ମାଧ୍ୟମରେ ଜଣାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ଖବରପାଇ ରାତିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ବାଳାଶ୍ରମ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଉତ୍କଳ ବାଳାଶ୍ରମରେ ପ୍ରାୟ ୫୦ ଜଣ ଅନ୍ତେବାସୀ ଅଛନ୍ତି । ସରକାର ପ୍ରତି ଶିଶୁଙ୍କ ପାଇଁ ମାସିକ ୪୮୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଉଥିବା ବେଳେ ଅର୍ଥ ବାଟମାରଣା ହେଉଥିବା ସ୍ପଷ୍ଟ ହୋଇଛି । ପରିଚାଳନାଗତ ଅବ୍ୟବସ୍ଥା ଜଣାପଡ଼ିବା ବିଷୟ ସିଡବ୍ଲ୍ୟୁସି ଅଧ୍ୟକ୍ଷା ଲିନା ବାବୁ ଓ ସଦସ୍ୟା ଅଞ୍ଜଳି ନେଗୀ ବାଳାଶ୍ରମ ପରିଦର୍ଶନରେ ଯାଇଥିଲେ । ରୋଷେଇ ଘରକୁ ପ୍ରବେଶ କରି ରନ୍ଧା ଯାଇଥିବା ଭାତ ଓ ତରକାରି ଦେଖିଥିଲେ । ଭାତରେ ମଲା ସୁରି ପୋକ ପଡ଼ିଥିବା ସେ ଦେଖିବାକୁ ପାଇଥିଲେ । ବାହାରକୁ ଆସି ଦେଖିଲେ ଶିଶୁମାନେ ଭାତରୁ ପୋକ ବାଛି ବାଛି ଖାଉଛନ୍ତି । ଯାହାକି ଅଧ୍ୟକ୍ଷା ସ୍ତବ୍ଧ ହୋଇଯାଇଥିଲେ । ଜିଲ୍ଲାପାଳ ଓ ଅଧ୍ୟକ୍ଷା ଲିନା ବାବୁ ବାଳାଶ୍ରମ ଅଧୀକ୍ଷକ ମାଳତୀ ଜେନାଙ୍କୁ ମଧ୍ୟ ଏ ନେଇ ତାଗିଦ୍ କରିଥିବା ଓ ଏନେଇ ଆହୁରି ଅଧିକ ତଦନ୍ତ ହେବ ଏବଂ ଆକ୍ସନ୍ ହେବ ବୋଲି ସୂଚନା ମିଳିଛି ।

# ତ୍ରିରଙ୍ଗା ଆମ ଦେଶର ଗର୍ବ ଓ ଗୌରବ:ସମବାୟ ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ସ୍ୱାଧୀନତା ଦିବସ ଏବଂ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଯାଜପୁର ସହରସ୍ଥିତ ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ଏହି ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ ହୋଇଥିଲା । ସମବାୟ, ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କୋରେଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମାଜସେବୀ ଗୌତମ ରାୟ, ଦେବଯାନୀ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଶୋଭାଯାତ୍ରାରେ ଯୋଗଦେଇଥିଲେ । ତ୍ରିରଙ୍ଗା ଯାତ୍ରା ମାନସାପୋଲ ଶ୍ରୀରାମ ମନ୍ଦିର ନିକଟରୁ ବାହାରି ରେଡକ୍ରସ୍ ଛକ ଓ ମେଡିକାଲ୍ ଛକ, ଗାନ୍ଧିଛକ ଦେଇ ସଂସ୍କୃତି ଭବନ ଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରା ଅବସରରେ ଗାନ୍ଧୀ ଛକ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଏବଂ ସଂସ୍କୃତି ଭବନ ପରିସରରେ ଥିବା ଡଃ ବାବା ସାହେବ ଆମ୍ବେଦକରଙ୍କ ସମେତ ସେଠାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ, ବିଧାୟକ, ଜିଲ୍ଲାପାଳ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ବିଶାଳ ତ୍ରିରଙ୍ଗା ଯାତ୍ରାରେ ତିନି ହଜାରରୁ ଉର୍ଦ୍ଧ୍ୱ ଜିଲ୍ଲାବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଏନ୍‌ସିସି, ଏନ୍‌ଏସ୍‌ଏସ୍, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ସିଭିଲ୍ ସୋସାଇଟିର ସଦସ୍ୟ, ମହିଳା ଓ ସାଧାରଣ ଜନତା ତ୍ରିରଙ୍ଗା ଧରି ଦେଶଭକ୍ତିର ଭାବନାରେ ଯାତ୍ରାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ତ୍ରିପାଠୀ, ଡିପିସି, ମିଶନ ଶକ୍ତି, ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଟାଉନ୍ ଥାନା ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ ।

# ନାବାଳିକା ଗଣଦୁଷ୍କର୍ମ ଘଟଣାରେ ୨ ନାବାଳକ ଅଟକ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକର ବାଦାମବାଡ଼ିରେ ଏକ ଲଜ୍ଜାଜନକ କାଣ୍ଡ ଘଟିଛି । ଜଣେ ନାବାଳିକାଙ୍କୁ ଦୁଇ ଜଣ ନାବାଳକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ର କରି ବାଦାମବାଡ଼ି ଥାନାରେ ମାମଲା ରୁଜୁ ପରେ ପୋଲିସ ଦୁଇ ନାବାଳକଙ୍କୁ ଧରିବାରେ ସଫଳ ହୋଇଛି । କଟକରେ ଏକ କଲେଜରେ ଜଣେ ୧୬ ବର୍ଷୀୟା ନାବାଳିକା ଯୁକ୍ତ ଦୁଇ ପ୍ରଥମ ବର୍ଷ ପଢ଼ନ୍ତି । ସେହି କଲେଜରେ ମର୍କତନଗର ଥାନା ସିଡିଏ ସେକ୍ଟର ୭ ବାଲିସାହିର ଜଣେ ୧୬ ବର୍ଷର ଯୁବକ ମଧ୍ୟ ପଢୁଥିଲା । ଉକ୍ତ ନାବାଳକଙ୍କ ସହିତ ନାବାଳିକାଙ୍କର କଲେଜରେ ବନ୍ଧୁତା ହୋଇଥିଲା । ଉଭୟଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟି ହୋଇଥିଲା । ଏହି ନାବାଳିକାଙ୍କୁ ଗଲା ମାସରେ ନାବାଳକ ଜଣକ ବାଦାମବାଡ଼ିରେ ଥିବା ଏକ ହୋଟେଲକୁ ଡାକିଥିଲା । ସେଠାରେ ପହଞ୍ଚିବା ପରେ ପୂର୍ବରୁ ସେଠାରେ ନାବାଳକଙ୍କର ଜଣେ ବନ୍ଧୁ ଦରଘାବଜାର ଥାନା ବାଉଁଶଗଳିର ୧୭ ବର୍ଷୀୟ ନାବାଳକ ପହଞ୍ଚିଯାଇଥିଲା । ଏହି ନାବାଳକ ଜଣକ ତିନିକୋଣିଆ ବଗିଚାରେ ଏକ ମୋମୋ ଦୋକାନ କରିଛି । ସେଦିନ ହୋଟେଲରେ ଦୁଇ ନାବାଳକ ବନ୍ଧୁ ପର୍ଯ୍ୟାୟକ୍ରମେ ନାବାଳିକାଙ୍କୁ ହୋଟେଲ ରୁମ୍‌ରେ ଗଣଦୁଷ୍କର୍ମ କରିଥିବା କୁହାଯାଉଛି । ବାଲିସାହିର ନାବାଳକ ଷଡ଼ଯନ୍ତ୍ର କରି ତା' ମୋମୋ ଦୋକାନ ସାଙ୍ଗକୁ ଡାକି ଏଭଳି କାଣ୍ଡ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ପୀଡ଼ିତା ନାବାଳିକା ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ । ସେ ନିକଟରେ ଗଡ଼ଗଡ଼ିଆ ଘଠାରେ ମହାନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା । କିନ୍ତୁ ସୌଭାଗ୍ୟବଶତଃ ସେ ବର୍ତ୍ତିଯାଇଥିଲେ । ତାଙ୍କୁ ପୋଲିସ ଆତ୍ମହତ୍ୟା ସମ୍ପର୍କରେ ପଚରା ଉଚରା କରିବା ପରେ ଏହି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା । ବାଦାମବାଡ଼ି ଥାନା ପୋଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଛି ।

# ପ୍ୟାକେଟ୍ ଖାଦ୍ୟରେ "ୱାର୍ଣ୍ଣିଂ ଲେବୁଲ" ଜରୁରୀ

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ପ୍ୟାକେଟ ହୋଇ ଆସୁଥିବା ଖାଦ୍ୟ ସାମଗ୍ରିରେ ଅଧିକ ପରିମାଣର ଚିନି, ଲୁଣ ଏବଂ ଫ୍ୟାଟ ରହିଥିବା ନେଇ ଗ୍ରାହକଙ୍କୁ ସଚେତନ କରିବା ପାଇଁ ପ୍ୟାକେଟର ସମ୍ମୁଖ ଭାଗରେ ସାବଧାନ ସୂଚନା ଲଗାଇବା ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ହୋଇଛି । ଗୁରୁବାର ହୋଇଥିବା ଏହି ଶୁଣାଣିରେ ଜଷ୍ଟିସ୍ ଜେ.ବି.ପାର୍ଡିୱାଲା ଏବଂ ଜଷ୍ଟିସ୍ କେ.ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ପୀଠ ପ୍ରସ୍ତାବିତ ପୋଷଣ ସମ୍ବନ୍ଧୀୟ ସାବଧାନ ସୂଚନା ଲାଗୁ କରିବାରେ ସରକାରଙ୍କ ବିଳମ୍ବକୁ ନେଇ କଡା ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏହାସହ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀଗୁଡିକର ଚାପ ଯୋଗୁଁ କେନ୍ଦ୍ର ସରକାରଙ୍କୁ ନିଷ୍ପତି ନେବାରେ ବିଳମ୍ବ ହେଉଛି କି ବୋଲି ମଧ୍ୟ କୋର୍ଟ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ ଶୁଣାଣି ପରିପ୍ରେକ୍ଷୀରେ ପ୍ୟାକେଟ ଖାଦ୍ୟର ସାମ୍ନାରେ ୱାର୍ଣ୍ଣିଂ ଲେବୁଲ ଲଗାଇବା ନେଇ ମଧ୍ୟ କେନ୍ଦ୍ରସରକାର ଏବଂ ଏଫଏସଏସଏଆଇ ବା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧୀକରଣ କୁ ଚୂଡାନ୍ତ ନିଷ୍ପତ୍ତି ନେବା ପାଇଁ ୨ ସପ୍ତାହର ସମୟ ଦେଇଛନ୍ତି । ଯଦି ସରକାର କିମ୍ବା ଏଫଏସଏସଏଆଇ ନିଜ ଆଡୁ କୌଣସି ପଦକ୍ଷେପ ନନିଅନ୍ତି, ତେବେ କୋର୍ଟ ନିଜେ ପରବର୍ତ୍ତୀ ନିର୍ଦ୍ଦେଶ ଜାରି କରିପାରନ୍ତି ବୋଲି ସ୍ପଷ୍ଟ କହିଛନ୍ତି । ଏହା ଆପଣଙ୍କ ପାଇଁ ଶେଷ ସୁଯୋଗ । ପରବର୍ତ୍ତୀ ଥର ଆମେ ନିଜେ ରାୟ ଶୁଣାଇବୁ । ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଏହି ମୁଦ୍ଦା ଜନସ୍ୱାସ୍ଥ୍ୟ ସହ ଜଡିତ, ସୁତରାଂ ଏଦିଗରେ କୋର୍ଟ ନିଶ୍ଚିତ ଭାବେ ଏହାକୁ ଗୁରୁତର ଭାବେ ଗ୍ରହଣ କରୁଛନ୍ତି । ଖାଦ୍ୟ ପଦାର୍ଥର ମାନ ନିର୍ଦ୍ଧାରଣ ପାଇଁ ଦେଶରେ ଥିବା ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧୀକରଣ (ଏଫଏସଏସଏଆଇ) ମଧ୍ୟ ଦେଶବାସୀ ସୁସ୍ଥ ତଥା ଆରୋଗ୍ୟ ରୁହନ୍ତୁ ବୋଲି ବୋଧହୁଏ ଚାହୁଁନାହିଁ ଭଳି ପ୍ରତୀତ ହେଉଛି । ପ୍ୟକେଟ୍ ଖାଦ୍ୟରେ ୱାର୍ଣ୍ଣିଂ ଲେବୁଲ ନିଶ୍ଚିତ ଭାବେ ରହିବା ଜରୁରୀ । ଏହି ସାବଧାନ ସୂଚନା ଦ୍ୱାରା ଗ୍ରାହକ,ବିଶେଷ କରି କୋମଳମତି ଶିଶୁମାନେ ସେମାନେ କଣ ଖାଉଛନ୍ତି ସେସମ୍ପର୍କରେ ଅଧିକ ସଚେତନ ହୋଇପାରିବେ ।

# ସଂକଟରେ 'ପଲ୍ଲୀକବି' ଉପାଧି:ଜନ୍ମମାଟି କୁସୁପୁରରେ ତୀବ୍ର ପ୍ରତିବାଦ

**ସାଲେପୁର, ନ୍ୟୁଜ୍**



ସାହିତ୍ୟରେ ହୀନମନ୍ୟତା ଓ ଚଞ୍ଚକତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ସରଳ ତରଳ ସାବଲୀଳ ଭାବରେ ପଲ୍ଲୀ ଜୀବନର ନିଚ୍ଛକ ଚିତ୍ରକୁ କବିତାରେ ରୂପଦେଇ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଥିବା ଯଶସ୍ୱୀ ସାରସ୍ୱତ ସାଧକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଉପାଧି ଆଜି ସଂକଟରେ । କୃଷ୍ଣ ପ୍ରସାଦ ବେହେରାଙ୍କୁ ପଲ୍ଲୀକବି ଭାବେ ଚିତ୍ରିତ କରି ଏକ ପୁସ୍ତକ ରଚନା ହୋଇଛି । ଯେଉଁ ପୁସ୍ତକର ଲେଖକ ଡକ୍ଟର ମନ୍ମଥ କୁମାର ପ୍ରଧାନ ଏବଂ ଏହି ପୁସ୍ତକର ପ୍ରକାଶନ ଦାୟିତ୍ୱ ଓଡ଼ିଆ ସାହିତ୍ୟ ଏକାଡେମୀ ଗ୍ରହଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଅଭିଯୋଗ ହୋଇଛି । ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ଥାନରେ କୃଷ୍ଣ ପ୍ରସାଦ ବେହେରା କିଭଳି ପଲ୍ଲୀକବିର ମାନ୍ୟତା ପାଇଲେ ତାକୁ ନେଇ ବିତର୍କ ସୃଷ୍ଟି ହୋଇଛି । ଡକ୍ଟର ମନ୍ମଥ ପ୍ରଧାନଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକ ଲୋକଲୋଚନକୁ ଆସିବା ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି । ଏଭଳି ହୀନ ପ୍ରୟାସ ପ୍ରଥିତଯଶା ସାରସ୍ୱତ ସାଧକ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପ୍ରତି ଘୋର ଅପମାନ ବୋଲି ବହୁ ସାହିତ୍ୟିକ, ସାମ୍ବାଦିକ, ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି । ରାଜ୍ୟ ସାହିତ୍ୟ ଏକାଡେମୀ ଏବଂ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଷଡଯନ୍ତ୍ର ଓ ଚଞ୍ଚକତା ଯୋଗୁ ଲକ୍ଷ ଲକ୍ଷ ନନ୍ଦକିଶୋର ପ୍ରେମୀଙ୍କ ମନରେ ଗଭୀର ଆଘାତ ସୃଷ୍ଟି ହେବା ଚର୍ଚ୍ଚା ହେଉଛି । କୁସୁପୁର ସ୍ଥିତ ପଲ୍ଲୀକବି ଭବନରେ ଏହାକୁ ନେଇ ଏକ ପ୍ରତିବାଦ ସଭାରେ ବହୁ ସାହିତ୍ୟିକ, କବି, ଅଧ୍ୟାପକ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକ ମାନେ ଯୋଗ ଦେଇଥିଲେ । ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଅଖିଳେଶ ପଦ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ପ୍ରତିବାଦ ସଭାରେ ସାହିତ୍ୟିକ ପ୍ରସନ୍ନ ମିଶ୍ର (ମୌସୁମୀ), ଶିଶୁ ସାହିତ୍ୟିକ ଡକ୍ଟର ବସନ୍ତ କିଶୋର ସାହୁ, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ଦାଶ, ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି କବି ଭକ୍ତ ଚରଣ ସାହୁ, ସାହିତ୍ୟିକ ଡକ୍ଟର ଭାବଗ୍ରାହୀ ରାଉତ, ସାହିତ୍ୟିକ ଡକ୍ଟର ନିଖିଳେଶ ପଦ ମହାନ୍ତି, ମହିମା ଗବେଷକ ଡକ୍ଟର ଏକାଦଶୀ ପ୍ରଧାନ, ଡକ୍ଟର ଜନାର୍ଦ୍ଦନ ରାଉତ, ସମାଜସେବୀ ହିମାଂଶୁ ଶେଖର ଦାଶ, ସାମ୍ବାଦିକ ବିଳାସ ଚନ୍ଦ୍ର ବାରିକ, କୁସୁପୁର ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ରାଉତରାୟ, ସାରସ୍ୱତ ସଂଗଠକ ପ୍ରଶାନ୍ତ କୁମାର ପଟ୍ଟନାୟକ, କବି ପ୍ରଫୁଲ୍ଲ କୁମାର ସାହୁ, ସଂଜିତ କୁମାର ଦାସ, କବି ପ୍ରଫୁଲ୍ଲ କୁମାର ସିଂ, ସାମ୍ବାଦିକ ଏକାଦଶୀ ସେଠୀ, ରଣଜିତ ସାହୁ, ପ୍ରସନ୍ନ କୁମାର ବେହେରା, ସାମ୍ବାଦିକ ହରିହର ସାହୁ, ସାମ୍ବାଦିକ ବିଜୟ କୁଅଁର, ସାମ୍ବାଦିକ ଦାମୋଦର ପରିଡା, ସାମ୍ବାଦିକ ଅଶୋକ ଦାଶ, ସାମ୍ବାଦିକ ଅର୍ଜ୍ଜୁନ ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ରତିବାଦ ସଭାରେ ସାମ୍ବାଦିକ ଲକ୍ଷ୍ମୀଧର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ । ସାହିତ୍ୟ ଏକାଡେମୀ ଏବଂ ରାଜ୍ୟ ସରକାର ଏହି ତ୍ରୁଟିର ତୁରନ୍ତ ସଂଶୋଧନ ଏବଂ ସ୍ପଷ୍ଟୀକରଣ ଦେବାକୁ ବୁଦ୍ଧିଜୀବୀ ମାନେ ଆହ୍ୱାନ ଦେଇଥିଲେ । ଏହି ବିବାଦୀୟ ଘଟଣାକୁ ନେଇ ଖୁବ୍ ଶୀଘ୍ର ଥାନାରେ ଏତଲା ଦେବା ସହିତ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଲ୍ଲୀକବି ନନ୍ଦକିଶୋର ବଳ ସ୍ମୃତି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com


**ଉଦୟକାଳୀନ ଗ୍ରହଚକ୍ର**





ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୫।୦୮।୨୦୨୬, ଶ୍ରାବଣ ଦ୩୦ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୨୮।୫୧** **ଚନ୍ଦ୍ରୋଦୟ- ପ୍ରାଘ ୭।୪୫।୩୫**
ତୃତୀୟା ସଂଘ ୫।୩୧ ପର୍ଯ୍ୟନ୍ତ, ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର ରାଘ ୩।୨୮ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର ଦିଘ ୯।୩୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର । ଦିଘ ୯।୩୭ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୯।୩୭ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ସଂଘ ୫।୩୧ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୭ ଗତେ ଦିଘ ୧।୦୯ ମଧ୍ୟେ । **ପର୍ବୋତ୍ସବ-** ଅଦ୍ୟ ସ୍ୱାଧୀନତା ଦିବସ, ଶ୍ରୀ ଅରବିନ୍ଦ ଜୟନ୍ତୀ ।




**ମେଷ:** ଶତ୍ରୁମାନେ ସମସ୍ୟା ସୃଷ୍ଟି କରିପାରନ୍ତି । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ବିଶୃଙ୍ଖଳା ଦେଖାଦେବାର ସୂଚନା ରହିଛି ।



**ବୃଷ:** ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେଇପାରେ । ତଥାପି ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟ ମଧ୍ୟମ ଧରଣର ହେବ । ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା । ମନ ଅସ୍ଥିର ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ମହିଳାମାନେ ସୁଖୀ ହେବେ । ପାରିବାରିକ ଜୀବନରେ ଖୁସିର ବାତାବରଣ ରହିବ । ରୋଜଗାର ଭଲ ହେବ । ଶରୀର ସୁସ୍ଥ ରହିବାର ସୂଚନା ।



**କର୍କଟ:** ଦିନଟି ଆପଣଙ୍କର ସେତେ ଭଲରେ କଟିବନାହିଁ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ ।




**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ରୋଜଗାରର ପରିମାଣ ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।




**କନ୍ୟା:** ଦୂରକୁ ଯାତ୍ରା କରିବାର ସମ୍ଭାବନା । ନୂଆ ବନ୍ଧୁ ଜୁଟି ପାରନ୍ତି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ମଧ୍ୟମ ଧରଣର ହେବାର ସୂଚନା ।



**ତୁଳା:** ଧର୍ମ କାର୍ଯ୍ୟ କରିପାରନ୍ତି । ମନରେ ଭକ୍ତିଭାବ ଜାଗ୍ରତ ହେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଶରୀର ସୁସ୍ଥ ରହିବ । ଆୟ ମଧ୍ୟମ ଧରଣର ହେବ । ଘରେ ସୁଖ ଶାନ୍ତି ଲାଭ ହେବାର ସୂଚନା ।




**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ଦେବ ଦର୍ଶନ କରିପାରନ୍ତି । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହେ ଶାନ୍ତି ଲାଭ କରିବେ ।



**ଧନୁ:** କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂରଯାତ୍ରା କରିପାରନ୍ତି ।



**ମକର:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଭ୍ରମଣ ଯୋଗ ସହିତ ବନ୍ଧୁଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବାର ସୂଚନା ରହିଛି ।



**ମୀନ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ଦେହ ଓ ମନ ଭଲ ରହିବ ।

# ଚୋରା ମଦ ଜବତ:୭ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବ୍ୟବସାୟ ହେଉଥିବାର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ତାଳଚୁଆ ମେରାଇନ୍ ଥାନା କୁଦାନଗରୀ କେନ୍ଦ୍ରାପଡା ଟାଉନ୍, ପାଟକୁରା ଓ ମାର୍ଶାଘାଇ ବ୍ୟାପକ ସ୍ଥାନରେ ଚଢଉ କରି ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚୋରା ମଦ ବ୍ୟବସାୟୀ ହେଲେ ଗରଜଙ୍ଗା ଗ୍ରାମର ଟୁକୁନା ମଳିକ, ପିକିରାଇର ଦୟାନିଧି ସେଠୀ, ପ୍ରଶାନ୍ତ ପ୍ରଧାନ, ଟିକାକ ନଗରର ବିଜୟ ଗିରି, ରିଗାଗଡ ଗ୍ରାମର ସଞ୍ଜୟ ମାଝି, ଶାମଗୁଡିଆ ଗ୍ରାମର ରମାକାନ୍ତ ସାହୁ, ବେଉରା ଗ୍ରାମର ରଞ୍ଜିତା ମାହାଳି ପ୍ରମୁଖଙ୍କ ନିକଟରୁ ଚୋରା ମଦ ଜବତ କରାଯାଇ ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୬।୦୮।୨୦୨୬, ଶ୍ରାବଣ ଦ୩୧ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୨୮।୧୦** **ଚନ୍ଦ୍ରୋଦୟ- ଦିଘ ୮।୩୯।୪୭**
ଚତୁର୍ଥୀ ଦିଘ ୪।୫୩ ପର୍ଯ୍ୟନ୍ତ, ହସ୍ତା ନକ୍ଷତ୍ର ରାଘ ୩।୫୩ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୪।୫୩ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୧ ଗତେ ଦିଘ ୯।୪୫ ମଧ୍ୟେ । ଦିଘ ୧।୨୭ ଗତେ ଦିଘ ୧।୫୯ ମଧ୍ୟେ ।
**ପର୍ବୋତ୍ସବ-** ମାସାନ୍ତ, ଜାଗ୍ରତ୍‌ଗୌରୀ ପଞ୍ଚମୀ, ବିନାୟକ ଚତୁର୍ଥୀ ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଅଗଷ୍ଟ ୨୦୨୬ ଶନିବାର





# ଶିଳ୍ପ, ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କିତ ଟାସ୍କ ଫୋର୍ସ ବୈଠକ

ଭୁବନେଶ୍ୱର, ୧୪ ।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଶିଳ୍ପ କ୍ଷେତ୍ରରେ ଆବଶ୍ୟକ ମୌଳିକ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକରିତା ସ୍ଥିତି ଓ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଶିଳ୍ପ ବିଭାଗ ଦ୍ୱାରା ଗଠିତ ଟାସ୍କ ଫୋର୍ସ କମିଟି ବୈଠକ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ କାର୍ଯ୍ୟକାରିତା ନେଇ ରହୁଥିବା ବହୁବିଧ ସମସ୍ୟାର ସମାଧାନ ଏବଂ ଆନୁଷଙ୍ଗିକ କାର୍ଯ୍ୟସବୁକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ସଂପୃକ୍ତ ବିଭାଗ ଓ ସଂସ୍ଥାମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେବା ସହ ପ୍ରକଳ୍ପ କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି ।



ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରମୁଖ ଶିଳ୍ପ ସମ୍ପର୍କିତ ଭିତ୍ତିଭୂମି ଓ ରାଜପଥ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଏବଂ କାର୍ଯ୍ୟାନ୍ୱୟନ ସମୟରେ ଦେଖାଦେଉଥିବା ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଜମି ଅଧିଗ୍ରହଣ ପାଇଁ ଆବଶ୍ୟକୀୟ ଅନୁମୋଦନ, ବିଦ୍ୟୁତ୍ ସରବରାହ ଭିତ୍ତିଭୂମି ସୁବିଧା ଓ ଏଥିପାଇଁ ପ୍ରଶାସନିକ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ସମ୍ପୃକ୍ତ ବିଭାଗ ସମେତ ଇଡକୋ ଏବଂ ଜିଲ୍ଲା ପ୍ରଶାସନକୁ ସମନ୍ୱିତ ଓ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ । ବିଭାଗୀୟ ଶାସନ ସଚିବ, ଜିଲ୍ଲାପାଳ ଏବଂ ସଂପୃକ୍ତ ଶିଳ୍ପ ସଂସ୍ଥାର ମୁଖ୍ୟ ତଥା ପ୍ରତିନିଧିମାନଙ୍କ ସହିତ ପ୍ରକଳ୍ପୱାରୀ ଆଲୋଚନା କରିବା ସହ ସମସ୍ତ କାର୍ଯ୍ୟସମ୍ପନ୍ନ କରିବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ ନେଇ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି ।ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଯଥା ପ୍ରକଳ୍ପ ସ୍ଥଳକୁ ବିଦ୍ୟୁତ୍ ଯୋଗାଣ, ରାସ୍ତା ସୁବିଧା, ଜଳ ଯୋଗାଣ, ବିଭିନ୍ନ ଅନୁମୋଦନ ଆଦିର ସୁବ୍ୟବସ୍ଥା କରି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତାକୁ ସୁଗମ ଓ ତ୍ୱରାନ୍ୱିତ କରିବାକୁ ଟାସ୍କ ଫୋର୍ସ କମିଟି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢୀଙ୍କ ସମେତ ପୂର୍ତ୍ତ, ଜଳ ସଂପଦ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ, ଇଡକୋର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାର, ଶିଳ୍ପ ସଂସ୍ଥାର ମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ତଥା କାର୍ଯ୍ୟାନ୍ୱୟନ ସ୍ଥିତିରେ ଥିବା ଅନୁଗୋଳ, ଭଦ୍ରକ, କଟକ, ଯାଜପୁର, ଜଗତସିଂହପୁର, ଗଞ୍ଜାମ, ଗଜପତି, ଝାରସୁଗୁଡା, ରାୟଗଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ, କନ୍ଧମାଳ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

## ଆରଆଇଡିଏଫ୍ ପ୍ରଥମ ବୈଠକ

# ଅଧିକ ପ୍ରକଳ୍ପ ମଞ୍ଜୁରପାଇଁ ନାବାର୍ଡକୁ ପରାମର୍ଶ

ଭୁବନେଶ୍ୱର, ୧୪ ।୮
ନ୍ୟୁଜ୍ ବ୍ୟୁରୋ

ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆରଆଇଡିଏଫ୍ ) ସମ୍ପର୍କିତ ଉଚ୍ଚ କ୍ଷମତାସମ୍ପନ୍ନ କମିଟିର ପ୍ରଥମ ବୈଠକ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟ ପାଇଁ ଆରଆଇଡିଏଫ୍ ଅଧୀନରେ ଅଧିକ ସଂଖ୍ୟକ ପ୍ରକଳ୍ପ ମଞ୍ଜୁର କରିବାକୁ ନାବାର୍ଡକୁ ଅନୁରୋଧ କରାଯାଇଛି ।

ଆରଆଇଡିଏଫ୍ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକୁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବ୍ୟୟ ପ୍ରତିପୂରଣ ଦାବି ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି । ଏଥିସହ, ବ୍ୟୟ ହେବା ପରେ ତୁରନ୍ତ ପ୍ରତିପୂରଣ ଦାବି ଦାଖଲ କରିବାକୁ ମଧ୍ୟ ସେମାନଙ୍କୁ ପରାମର୍ଶ ଦିଆଯାଇଛି । ଯାହାଦ୍ୱାରା ଆରଆଇଡିଏଫ୍ ପାଣ୍ଠିର ସମୟୋଚିତ ବଣ୍ଟନ ସୁନିଶ୍ଚିତ ହୋଇପାରିବ । ଆରଆଇଡିଏଫ୍ ଅଧୀନରେ ବିଭିନ୍ନ କ୍ଷେତ୍ରକୁ ପ୍ରାଥମିକତା ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ, ପାଣ୍ଠି ଅଧୀନରେ ଥିବା ପ୍ରାଥମିକତା କ୍ଷେତ୍ର ଓ ଯୋଗ୍ୟ କାର୍ଯ୍ୟକଳାପଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା ।

କମିଟି ଆରଆଇଡିଏଫ୍ ଅଧୀନରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ବବର୍ଷରୁ ଚାଲୁଥିବା ଏବଂ ନୂତନ ପ୍ରକଳ୍ପଗୁଡ଼ିକ ପାଇଁ ଆର୍ଥିକ ଅନୁମୋଦନ କରିଛନ୍ତି । ଏଥିରେ ଜଳସେଚନ, ବନ୍ୟା ନିୟନ୍ତ୍ରଣ, ସଡ଼କ ଓ ସେତୁ ଯୋଗାଯୋଗ ଏବଂ ଗୋଦାମ ଭିତ୍ତିଭୂମି ଭଳି କ୍ଷେତ୍ର ସାମିଲ ରହିଛି । ଏହା ସହିତ, କମିଟି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧୀନରେ ମତ୍ସ୍ୟଚାଷ ଓ ଜଳଜୀବ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଛନ୍ତି । ଏଥିସହିତ, କ୍ଷୁଦ୍ର ଜଳସେଚନ ପାଣ୍ଠି ଏବଂ ମତ୍ସ୍ୟଚାଷ ଓ ଜଳଜୀବ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରାଯାଇଛି ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ୍‌ଏନ୍ ଗିରୀଶ, ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, କୃଷି ଓ କୃଷକ ସଶକ୍ତି କରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ, ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ବିନୋଦ ଆର୍ଯ୍ୟଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେଇ ଥିଲେ ।

# ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟା ସ୍ଥିତି : ୪୫ ପଞ୍ଚାୟତ ପ୍ରଭାବିତ

ଭୁବନେଶ୍ୱର, ୧୪ ।୮ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ୪ଟି ଜିଲ୍ଲାରେ ବନ୍ୟା ସ୍ଥିତି ଏବଂ ୪୫ ପଞ୍ଚାୟତ ପ୍ରଭାବିତ ହୋଇଛି । ଏନେଇ ଏସ୍‌ଆରସି ରାଜେଶ ପ୍ରଭାକର ପାଟିଲ୍ ସୂଚନା ଦେଇଛନ୍ତି । ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜରେ ବନ୍ୟା ସ୍ଥିତି ଉପୁଜିଛି । ଓଡ୍ରାଫର ୧୦ ଓ ଏନଡିଆରଏଫର ୭ ଟିମ୍ ମୁତୟନ ହୋଇଛନ୍ତି ।

ବୈତରଣୀ ଓ ବୁଢାବଳଙ୍ଗ ନଦୀରେ ବନ୍ୟା ଜଳ ବଢ଼ିଛି । ବୈତରଣୀ ବନ୍ୟାରେ ଭଦ୍ରକ ଓ ଯାଜପୁର ଜିଲ୍ଲା ପ୍ରଭାବିତ ହୋଇଛି । ପୂର୍ବରୁ ହୋଇଥିବା ଘାଇ ଦେଇ ବନ୍ୟା ଜଳ ପ୍ରବେଶ କରିଛି । ଓଡ୍ରାଫ, ଏନଡିଆରଏଫ ଟିମ୍ ମୁତୟନ, ସିନିୟର ଅଫିସର ନିୟୋଜିତ ହୋଇଛନ୍ତି । ବୁଢାବଳଙ୍ଗ ପାଣି ବାରିପଦା ସହରରେ ପ୍ରବେଶ କରିଥିଲା ବୋଲି ଏସଆରସି ସୂଚନା ଦେଇଛନ୍ତି ।

# ଉତ୍ତରାଖଣ୍ଡର ପିପଲକୋଟି ସୁଡ଼ଙ୍ଗ ଦୁର୍ଘଟଣା: ୭ ମୃତ

ଡେରାଡୁନ, ୧୪ ।୮

ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାର ମାୟାପୁର-ପିପଲକୋଟି ଅଞ୍ଚଳରେ ନିର୍ମାଣାଧୀନ ଏକ ଟିଏଚଡିସି ସୁଡ଼ଙ୍ଗରେ ଭଗ୍ନାବଶେଷ ଏବଂ ପାଣି ଭର୍ତ୍ତି ହୋଇଯିବାରୁ ଘଟିଥିବା ଦୁର୍ଘଟଣାରେ ଏପର୍ଯ୍ୟନ୍ତ ସାତ ଜଣଙ୍କର ମୃତ୍ୟୁ ହୋଇଛି । ବାକି ବଞ୍ଚିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଶୁକ୍ରବାର ଅତ୍ୟନ୍ତ ଖରାପ ପାଗ ମଧ୍ୟରେ ପିପଲକୋଟିରେ ପହଞ୍ଚିଥିଲେ ।ଜିଲ୍ଲା ପ୍ରଶାସନ ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଏକ ଭୂସ୍ଖଳନ ଘଟି ବିଷ୍ଣୁଗଡ-ପିପଲକୋଟି ଜଳବିଦ୍ୟୁତ ପ୍ରକଳ୍ପର ଟିଆରଟି ସୁଡ଼ଙ୍ଗର ପ୍ରାୟ ୧.୫୦ କିଲୋମିଟର ଜଳମଗ୍ନ ହୋଇଯାଇଥିଲା । ସୁଡ଼ଙ୍ଗର ମୋଟ ଲମ୍ବ ପ୍ରାୟ ତିନି କିଲୋମିଟର । ଦୁର୍ଘଟଣା ପରେ, ସୁଡ଼ଙ୍ଗରେ ୨୨ ଜଣ ଫସି ରହିଥିବା ସୂଚନା ମିଳିଛି ।ଜିଲ୍ଲା ମାଜିଷ୍ଟ୍ରେଟ୍ ଗୌରବ କୁମାର ରାତିସାରା ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ପ୍ରଶାସନ ଅନୁଯାୟୀ, ବାକି ବଞ୍ଚିଥିବା ଲୋକଙ୍କୁ ସୁରକ୍ଷିତ ଭାବରେ ବାହାର କରିବା ପାଇଁ ପ୍ରୟାସ ଜାରି ରହିଛି ।

# ସ୍ୱାଧୀନତା ଦିବସ ପୂର୍ବରୁ ଦିଲ୍ଲୀକୁ ବୋମା ଧମକ

ନୂଆଦିଲ୍ଲୀ, ୧୪ ।୮

ଶନିବାର ଦେଶ ପାଳିବ ସ୍ୱାଧୀନତାର ୮୦ତମ ବର୍ଷ ପୂର୍ତ୍ତି । ସ୍ୱାଧୀନତା ଦିବସ ପାଇଁ ଦେଶବ୍ୟାପୀ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏହାର ଦିନକ ପୂର୍ବରୁ ରାଜଧାନୀ ଦିଲ୍ଲୀକୁ ମିଳିଛି ବୋମା ବିସ୍ଫୋରଣର ଧମକ । ଦିଲ୍ଲୀ ହାଇକୋର୍ଟ, ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦର ସମେତ ଏକାଧିକ ପ୍ରମୁଖ ସ୍ଥାନକୁ ଇ-ମେଲ୍ ମାଧ୍ୟମରେ ଏହି ଧମକ ଦିଆଯାଇଛି । 'ବ୍ଲାଷ୍ଟ ଦିଲ୍ଲୀ ହାଇକୋର୍ଟ @୨.୧୧ ପିଏମ୍' ଶୀର୍ଷକରେ ଆସିଥିବା ଏହି ଇ-ମେଲରେ ଶନିବାର ଦିନ ୨ଟା ୧୧ ମିନିଟ୍ ସମୟରେ ଦିଲ୍ଲୀ ହାଇକୋର୍ଟରେ ବିସ୍ଫୋରଣ କରାଯିବ ବୋଲି ଦାବି କରାଯାଇଛି । ଏହାର ପ୍ରାୟ ଏକ ଘଣ୍ଟା ପରେ ଦିଲ୍ଲୀର ବିଭିନ୍ନ ଜିଲ୍ଲା କୋର୍ଟରେ ମଧ୍ୟ ବିସ୍ଫୋରଣ ହେବ ବୋଲି ଧମକ ଦିଆଯାଇଛି ।

ଧମକପୂର୍ଣ୍ଣ ଇ-ମେଲରେ ଖଲିସ୍ତାନର ନାଁ ଉଲ୍ଲେଖ କରାଯାଇଥିବା ସୂଚନା ମିଳିଛି । ଦିଲ୍ଲୀ କୋର୍ଟରେ ଚାଲିଥିବା କିଛି ମାମଲାର ଶୁଣାଣିକୁ ନେଇ ମଧ୍ୟ ଏଥିରେ ଆପତ୍ତିଜନକ ଦାବି କରାଯାଇଛି । ଏହା ସହ ଦିଲ୍ଲୀକୁ ଖଲିସ୍ତାନରେ ପରିଣତ କରାଯିବ ବୋଲି ଧମକ ଦିଆଯାଇଥିବା ଜଣାପଡ଼ିଛି । ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲା ସମେତ ରାଜଧାନୀର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପୂର୍ବରୁ ହିଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଏହି ଧମକ ପରେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ା କରାଯାଇଛି ।


# ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିୟାନ

ନୂଆଦିଲ୍ଲୀ, ୧୪ ।୮

ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିୟାନ । ପଶ୍ଚିମ ଏସିଆରେ ଆମେରିକା ସହିତ ଚାଲିଥିବା ସଂଘର୍ଷ ଏବଂ ଉତ୍ତେଜନା ମଧ୍ୟରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ଜାତୀୟ ରାଜଧାନୀ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

ସୂଚନାନୁଯାୟୀ, ଇରାନ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟ କରିଛି ଯେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆସନ୍ତା ସେପ୍ଟେମ୍ବରରେ ୧୮ତମ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ପଶ୍ଚିମ ଏସିଆରେ ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ଉତ୍ତେଜନା ସମୟରେ ପେଜେସ୍କିଆନଙ୍କ ନୂଆଦିଲ୍ଲୀ ଗସ୍ତକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । କାରଣ ଭାରତ ୨୦୨୬ରେ ୧୮ତମ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଛି ଏବଂ ଭାରତ ଦ୍ୱାରା ଅଧ୍ୟକ୍ଷତା ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀର ବିଷୟବସ୍ତୁ ହେଉଛି "ସ୍ଥାୟୀତା, ନବସୃଜନ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ" ।

ପୂର୍ବରୁ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଅକ୍ଟୋବର ୨୦୨୪ରେ ରୁଷର କାଜାନରେ ବ୍ରିକ୍ସ ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ କରିଥିଲେ । ଏହି ସମୟ ମଧ୍ୟରେ ଦୁଇ ଦେଶର ନେତାମାନେ ଏକ ଦ୍ୱିପାକ୍ଷିକ ବୈଠକ ମଧ୍ୟ କରିଥିଲେ, ଯେଉଁଠାରେ ସେମାନେ ଦ୍ୱିପାକ୍ଷିକ ଏବଂ ଆଞ୍ଚଳିକ ପ୍ରସଙ୍ଗ ଉପରେ ବ୍ୟାପକ ଏବଂ ଗଭୀର ଆଲୋଚନା କରିଥିଲେ । ଇରାନ ୨୦୨୪ ମସିହାରେ ଇଜିପ୍ଟ, ଇଥିଓପିଆ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟ ହୋଇଥିଲା ।



ପ୍ରସଙ୍ଗତଃ
32 YEARS
ସମ୍ବାଦ କଳିକା

## ୨ ହଜାର ବର୍ଷ ପରେ ମଣିଷ ନୁହେଁ ଥିବ କେବଳ ରୋବୋଟ୍

ଆପଣ ହଠାତ୍ ୨୩୮୭ ବର୍ଷ ଆଗକୁ ଚାଲିଗଲେ କେମିତି ଅନୁଭବ ହେବ ଆପଣଙ୍କର। ଆପଣ ପହଞ୍ଚିଲେ ୪୪୧୩ ମସିହାରେ। କିନ୍ତୁ ସେଠାରେ ମଣିଷ କେଉଁଠି ନାହାନ୍ତି। ସହର ଅଛି, ଅତ୍ୟାଧୁନିକ ପ୍ରଯୁକ୍ତି ଅଛି, ଆକାଶରେ ଉଡୁଛି ଗାଡ଼ି, କିନ୍ତୁ ମଣିଷଙ୍କ ସ୍ଥାନ ନେଇସାରିଛି ମେସିନ୍ ଓ ରୋବୋଟ୍। ଏଭଳି ଏକ ଚମକାଇଦେବା ଦାବି କରିଛନ୍ତି ଜଣେ 'ଟାଇମ୍ ଟ୍ରାଭେଲର୍'। ୪୪୧୩ ମସିହାକୁ ଯାଇଥିବା ଦାବି କରୁଥିବା ଏହି ବ୍ୟକ୍ତି ନିଜକୁ ଲିସେଷ୍ଟରର ଲୁଇସ୍ ଓ୍ୱାକର୍ ବୋଲି ପରିଚୟ ଦେଇଛନ୍ତି। ଓ୍ୱାକର ଦାବି କରନ୍ତି ଯେ ୧୯୭୭ ମସିହାରେ ସେ ବ୍ରିଟିଶ ପ୍ରତିରକ୍ଷା ମନ୍ତ୍ରଣାଳୟରେ କାମ କରୁଥିଲେ। ତାଙ୍କ ବାପା ସେଠାରେ ଏକ ଚାକିରି ବ୍ୟବସ୍ଥା କରିଥିଲେ। ଧୀରେ ଧୀରେ, ସେ ଗୁପ୍ତ ସୂଚନା ପାଇଲେ। ଦିନେ ତାଙ୍କୁ ଏକ କୋଠରୀକୁ ଡକାଗଲା ଯେଉଁଠାରେ ବୈଜ୍ଞାନିକମାନେ ଘୋଷଣା କଲେ ଯେ ସେମାନେ 'ଟାଇମ୍ ଟ୍ରାଭେଲ' ବା 'ସମୟକୁ ଯାତ୍ରା' କରି ପାରୁଥିବା ଟେକ୍ନୋଲୋଜିର ବିକଶିତ କରିଛନ୍ତି। ସେମାନେ ତାଙ୍କୁ ୬୦୦ ବର୍ଷ ଆଗକୁ ପଠାଇବାକୁ ଚାହୁଁଥିଲେ। ଏହା ବଦଳରେ ୨.୫ ଲକ୍ଷ ପାଉଣ୍ଡ ଦିଆଯିବ ବୋଲି ଅଫର ଦିଆଯାଇଥିଲା। ସଫଳତାର ସମ୍ଭାବନା କେବଳ ୫୦ ପ୍ରତିଶତ। ଯଦି ସେ ବିଫଳ ହୁଅନ୍ତି, ତେବେ ସେ ମହାକାଶ– ସମୟରେ ହଜି ଯାଇପାରନ୍ତି କିମ୍ବା କେଉଁଠି ବି ଫସି ଯାଇପାରନ୍ତି। ଅର୍ଥର ଆବଶ୍ୟକତା ଥିବାରୁ ଓ୍ୱାକର ରାଜି ହୋଇଯାଇଥିଲେ। ଆଗକୁ ଯାହା ହୋଇଥିଲା ତାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ଓ୍ୱାକରଙ୍କ ଅନୁସାରେ, ସେହି ରାତିରେ ଏକ ହେଲିକପ୍ଟର ତାଙ୍କୁ ଇଂରାଜୀ ଚ୍ୟାନେଲ ତଳେ ଅବସ୍ଥିତ ଏକ ଗୁପ୍ତ ଘାଟିକୁ ନେଇଯାଇଥିଲା। ସେଠାରେ ପହଞ୍ଚିବା ପାଇଁ ଗୋଟିଏ ଅଦ୍ଭୁତ ଦେଖାଯାଉଥିବା ବିଲ୍ଡିଂ, ଲମ୍ବା ସିଡ଼ି ଏବଂ ଭୂତଳ ସୁଡ଼ଙ୍ଗ ଦେଇ ଯିବାକୁ ପଡ଼ିଥିଲା। ସେ ଦାବି କରିଥିଲେ ଯେ ସେଠାରେ ଟେଲିପୋର୍ଟେସନ୍ ଏବଂ ମାଇଣ୍ଡ ରିଡିଂ ଭଳି ଅଜଣା ଉପକରଣ ଥିଲା। ଟାଇମ୍ ମେସିନ୍ ଏକ ବଡ଼, ତ୍ରିକୋଣୀୟ ଗଠନ ଥିଲା, ଯେଉଁଥିରେ ତାର ଲାଗିଥିଲା। ଏଥିରେ ଜଣେ ବ୍ୟକ୍ତି ବସିପାରିବେ। ତାଙ୍କୁ ଏକ ବିକିରଣ ସୁରକ୍ଷା ସୁଟ୍ ପିନ୍ଧାଇ ମେସିନ୍ ଭିତରେ ରଖାଯାଇଥିଲା। ଜୋରରେ ଏକ ଶବ୍ଦ ହୋଇଥିଲା, ଏବଂ ସବୁକିଛି ଧଳା ହୋଇଯାଇଥିଲା। ଯେତେବେଳେ ସେ ଉଠିଲେ, ସେ ଏକ ଖାଲି ହସ୍ପିଟାଲରେ ଥିଲେ। କୌଣସି ରୋବୋଟିକ୍ ସ୍ୱରରେ ତାଙ୍କର ନିଦ ଭାଙ୍ଗିଲା। ସେ କହିଲେ ଏହା ହେଉଛି ୪୪୧୩ ମସିହା। ହସ୍ପିଟାଲରୁ ବାହାରିବା ପରେ, ସେ ରାସ୍ତାରେ ଉଡ଼ନ୍ତା କାର ଏବଂ ମଣିଷ ପରି ରୋବୋଟ୍ ଦେଖିଲେ। ମଣିଷ ପ୍ରାୟ ଅସ୍ତିତ୍ୱହୀନ ଥିଲେ। ସେ ଜଣେ ବ୍ୟକ୍ତିଙ୍କୁ ଭେଟିଲେ ଯିଏ ୨୦୩୦ ରୁ ନିଜକୁ ଟାଇମ ଟ୍ରାଭେଲର ବୋଲି ଦାବି କରିଥିଲେ। ସେ କହିଥିଲେ ଯେ ୨୦୨୮ରେ 'ଟାଇମ୍ ଟ୍ରଭେଲ' ସାର୍ବଜନୀନ ହେବ, ଏବଂ ୪୪୧୩ ରେ ଟାଇମ୍ ଟ୍ରାଭେଲ ଲୋକପ୍ରିୟ ଗନ୍ତବ୍ୟସ୍ଥଳ ଥିଲା। ମଣିଷ ବହୁ ପୂର୍ବରୁ ଟେକ୍ନୋଲୋଜି ସହିତ ସହିତ ମିଶିଯାଇଥିଲା, ଆଉ ଏବେ କେବଳ ରୋବୋଟ୍ ଅଛନ୍ତି। ଓ୍ୱାକର ସେଠାରେ କିଛି ସମୟ ବିତାଇଥିଲେ, ସେ ଏକ ରୋବଟ୍ ସହ କଥା ହୋଇଥିଲେ। ଯାହାକୁ ସେ ଖୁବ୍ ଦୟାଳୁ ଏବଂ ବୁଦ୍ଧିମାନ ବୋଲି କହିଛନ୍ତି। ତା'ପରେ ତାଙ୍କୁ ୧୯୭୭ କୁ ଫେରାଇ ଦିଆଯାଇଥିଲା। ସେ ୨୦୧୮ ରେ ୟୁଟ୍ୟୁବ୍ ଚ୍ୟାନେଲ Apex TV ରେ ଏହି କାହାଣୀ ବର୍ଣ୍ଣନା କରିଥିଲେ, ତାଙ୍କ ମୁହଁ ଝାପ୍ସା ଥିଲା। ଏହି ଦାବି ଗତ କିଛି ମାସ ମଧ୍ୟରେ ଅନେକ ଗଣମାଧ୍ୟମରେ ପୁନର୍ବାର ପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓ୍ୱାକର କୌଣସି ପ୍ରମାଣ ପ୍ରଦାନ କରିନଥିଲେ – କୌଣସି ଡକ୍ୟୁମେଣ୍ଟ, କୌଣସି ଫଟୋ ଦେଇନାହାନ୍ତି। 'ଟାଇମ୍ ଟ୍ରାଭେଲ' ଏପର୍ଯ୍ୟନ୍ତ ବୈଜ୍ଞାନିକ ଭାବରେ ସମ୍ଭବ ବୋଲି ଗ୍ରହଣ କରାଯାଇ ନାହିଁ। ବର୍ତ୍ତମାନର ପଦାର୍ଥ ବିଜ୍ଞାନର ନିୟମ ଅନୁସାରେ, ଅତୀତ କିମ୍ବା ଦୂର ଭବିଷ୍ୟତରେ ସମୟ ଯାତ୍ରା ଅସମ୍ଭବ। ଏଭଳି ଦାବି ମନୋରଞ୍ଜନ କିମ୍ବା ଧ୍ୟାନ ଆକର୍ଷିତ କରିବା ପାଇଁ କରାଯାଏ ବୋଲି କୁହାଯାଏ। ସେଥିପାଇଁ ଏହି ଦାବିକୁ ସନ୍ଦେହ ନଜରରେ ଦେଖାଯାଉଛି।

# ଅତୀତର ତ୍ୟାଗ, ବର୍ତ୍ତମାନର ଦାୟିତ୍ୱ ଓ ଭବିଷ୍ୟତର ସଂକଳ୍ପ



ସୁବ୍ରତ କୁମାର ଦାସ
ରାଜେନ୍ଦ୍ରପୁର,
ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

ଭାରତ ଆଜି ଗର୍ବ, ଆନନ୍ଦ ଓ ଗଭୀର କୃତଜ୍ଞତାର ସହିତ ତା'ର ୮୦ତମ ସ୍ୱାଧୀନତା ଦିବସ ପାଳନ କରୁଛି। ସ୍ୱାଧୀନତାର ଅଶି ବର୍ଷ କେବଳ ଭାରତର ଇତିହାସର ଏକ ମାଇଲଖୁଣ୍ଟ ନୁହେଁ; ଏହା ତ୍ୟାଗ, ସଂଘର୍ଷ, ଆଶା, ବିକାଶ ଓ ଦାୟିତ୍ୱର ଏକ ଦୀର୍ଘ ଯାତ୍ରା। ଅଗଷ୍ଟ ୧୫ ଆସିଲେ ସାରା ଦେଶରେ ତ୍ରିରଙ୍ଗା ଗର୍ବର ସହିତ ଫରଫର ହୋଇ ଉଡ଼େ। ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ସାର୍ବଜନୀନ ସ୍ଥାନଗୁଡ଼ିକ ଦେଶପ୍ରେମର ଭାବନାରେ ଭରିଯାଏ। ଦେଶବାସୀ ଦେଶାତ୍ମବୋଧକ ସଙ୍ଗୀତ ଗାଇ ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ମରଣ କରନ୍ତି। କିନ୍ତୁ ଏହି ଉତ୍ସବ ପଛରେ ରହିଛି ସାହସ ଓ ବଳିଦାନର ଏକ ଦୀର୍ଘ ଇତିହାସ।

ଭାରତର ଏହି କଷ୍ଟଲବ୍ଧ ସ୍ୱାଧୀନତା ହାସଲ କରିବା ଏତେ ସହଜ ନଥିଲା। ଅସଂଖ୍ୟ ବୀର ନର-ନାରୀ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରି ଦେଶ ପାଇଁ ମହାନ ତ୍ୟାଗ କରିଥିଲେ। ଅନେକେ ନିଜ ଜୀବନ ହରାଇଥିଲେ, ଆଉ ଅନେକେ ବର୍ଷ ବର୍ଷ ଧରି କାରାଗାରରେ ରହି ନିର୍ଯ୍ୟାତନା ଓ ଦୁଃଖକଷ୍ଟ ସହିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ସତ୍ୟ ଓ ଅହିଂସା ମାଧ୍ୟମରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ପ୍ରେରଣା ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅସାଧାରଣ ସାହସ ଓ ଦେଶପ୍ରେମର ପରିଚୟ ଦେଇଥିଲେ। ଭଗତ ସିଂହ ଯୁବଶକ୍ତି, ସାହସ ଓ ଦେଶପ୍ରେମର ପ୍ରତୀକ ପାଲଟିଥିଲେ। ଚନ୍ଦ୍ରଶେଖର ଆଜାଦ ନିର୍ଭୀକ ଭାବରେ ଦେଶର ସ୍ୱାଧୀନତା ପାଇଁ ଲଢ଼ିଥିଲେ। ଏହି ମହାନ ବ୍ୟକ୍ତିତ୍ୱମାନଙ୍କ ସହ ହଜାର ହଜାର ଜଣା-ଅଜଣା ସ୍ୱାଧୀନତା ସଂଗ୍ରାମୀ ଆନ୍ଦୋଳନରେ ନିଜର ଅବଦାନ ରଖିଥିଲେ। ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁ, ତାହା ସେମାନଙ୍କର ବଳିଦାନର ଫଳ। ସେମାନେ ଏପରି ଏକ ଭାରତର ସ୍ୱପ୍ନ ଦେଖିଥିଲେ, ଯେଉଁଠି ଲୋକମାନେ ସମ୍ମାନ, ସ୍ୱାଧୀନତା ଓ ଆତ୍ମମର୍ଯ୍ୟାଦାର ସହିତ ବଞ୍ଚିପାରିବେ। ସେମାନଙ୍କ ସ୍ୱପ୍ନ ହିଁ ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତି ଦେଇଥିଲା ଏବଂ ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହୋଇଥିଲା।

ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ମଧ୍ୟ ଏକ ଗୌରବମୟ ସ୍ଥାନ ରହିଛି। ପାଇକ ବିଦ୍ରୋହ ଓଡ଼ିଶାବାସୀଙ୍କ ସାହସ ଓ ପ୍ରତିରୋଧର ଏକ ଉଜ୍ଜ୍ୱଳ ଉଦାହରଣ। ବକ୍ସି ଜଗବନ୍ଧୁ ଅଦମ୍ୟ ସାହସର ସହିତ ପାଇକମାନଙ୍କ ନେତୃତ୍ୱ ନେଇଥିଲେ। ବୀର ସୁରେନ୍ଦ୍ର ସାଏ ମଧ୍ୟ ବ୍ରିଟିଶ ଶାସନ ବିରୋଧରେ ବୀରତ୍ୱର ସହିତ ସଂଗ୍ରାମ କରିଥିଲେ। ରମାଦେବୀ, ଗୋପବନ୍ଧୁ ଚୌଧୁରୀଙ୍କ ସମେତ ଅନେକ ସଂଗ୍ରାମୀ ନିଜର ତ୍ୟାଗ ଓ ସେବା ମାଧ୍ୟମରେ ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲେ। ଏପରି ଅନେକ ସାଧାରଣ ଲୋକ ମଧ୍ୟ ଥିଲେ, ଯାହାଙ୍କ ନାମ ଇତିହାସ ପୁସ୍ତକରେ ବିଶେଷ ଭାବରେ ଲିପିବଦ୍ଧ ହୋଇନାହିଁ, କିନ୍ତୁ ସେମାନଙ୍କର ତ୍ୟାଗ ସ୍ୱାଧୀନତା ସଂଗ୍ରାମକୁ ମଜଭୁତ କରିଥିଲା। ସେମାନଙ୍କ ଅବଦାନ ଆମକୁ ମନେ ପକାଇ ଦିଏ ଯେ, ସ୍ୱାଧୀନତା ସଂଗ୍ରାମ କେବଳ କିଛି ବ୍ୟକ୍ତିଙ୍କ ପ୍ରୟାସ ନଥିଲା; ଏହା ଥିଲା ଭାରତବାସୀଙ୍କ ଏକ ସାମୂହିକ ସଂଘର୍ଷ।

ସ୍ୱାଧୀନତା ପରେ ଗତ ଅଶି ବର୍ଷ ମଧ୍ୟରେ ଭାରତର ଯାତ୍ରା ଅତ୍ୟନ୍ତ ଉଲ୍ଲେଖନୀୟ। ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିବା ଏକ ନବସ୍ୱାଧୀନ ଦେଶରୁ ଭାରତ ଆଜି ଏକ ଶକ୍ତିଶାଳୀ ଓ ବିକାଶଶୀଳ ଦେଶ ଭାବେ ଆଗକୁ ବଢ଼ିଛି। କୃଷି, ଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ଯୋଗାଯୋଗ ଓ ଭିତ୍ତିଭୂମି ଭଳି ଅନେକ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତୀୟ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, କୃଷକ, ଶିକ୍ଷକ, ଶ୍ରମିକ, ଉଦ୍ୟୋଗୀ ଓ ଯୁବପିଢ଼ି ଦେଶର ପ୍ରଗତିରେ ନିଜର ଅବଦାନ ରଖିଛନ୍ତି। ମହାକାଶ ବିଜ୍ଞାନ, ଡିଜିଟାଲ ପ୍ରଯୁକ୍ତି, ଚିକିତ୍ସା, ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରର ସଫଳତା ମାଧ୍ୟମରେ ଭାରତ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିଛି। ତଥାପି ବିକାଶ ଏକ ନିରନ୍ତର ପ୍ରକ୍ରିୟା। ସ୍ୱାଧୀନତାର ଅଶି ବର୍ଷ ପରେ ମଧ୍ୟ ଦାରିଦ୍ର୍ୟ, ବେକାରୀ, ଅସମାନତା, ଦୁର୍ନୀତି, ପରିବେଶ ସମସ୍ୟା ଓ ସାମାଜିକ ଭେଦଭାବ ଭଳି ଅନେକ ଆହ୍ୱାନ ଆମ ସମ୍ମୁଖରେ ରହିଛି। ତେଣୁ ଏହି ଉତ୍ସବ ଆମକୁ ନିଜର ସଫଳତା ସହିତ ନିଜର ଦାୟିତ୍ୱ ବିଷୟରେ ମଧ୍ୟ ଚିନ୍ତା କରିବାର ସୁଯୋଗ ଦେଉଛି।

ସ୍ୱାଧୀନତା ଆମକୁ ଅଧିକାର ଦିଏ, କିନ୍ତୁ ଏହା ସହିତ ଆମକୁ ଦାୟିତ୍ୱ ମଧ୍ୟ ଦିଏ। ଦେଶର ସାମ୍ବିଧାନିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ରହିଛି। ସମ୍ବିଧାନକୁ ସମ୍ମାନ କରିବା, ଆଇନ ପାଳନ କରିବା, ସରକାରୀ ଓ ସାର୍ବଜନୀନ ସମ୍ପତ୍ତିର ସୁରକ୍ଷା କରିବା, ପରିବେଶକୁ ପରିଷ୍କାର ରଖିବା, ସଚ୍ଚୋଟ ଭାବରେ କର ପ୍ରଦାନ କରିବା ଏବଂ ଆବଶ୍ୟକତା ରେ ଥିବା ଲୋକଙ୍କୁ ସାହାଯ୍ୟ କରିବା ହେଉଛି ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ।

ଦେଶପ୍ରେମ କେବଳ ସ୍ଲୋଗାନ, ସୋସିଆଲ ମିଡିଆ ପୋଷ୍ଟ କିମ୍ବା ଗୋଟିଏ ଦିନର ଉତ୍ସବରେ ସୀମିତ ରହିବା ଉଚିତ ନୁହେଁ। ଆମର ପ୍ରତିଦିନର କାର୍ଯ୍ୟରେ ଦେଶପ୍ରେମର ପ୍ରତିଫଳନ ରହିବା ଆବଶ୍ୟକ। ଜଣେ ଶିକ୍ଷକ ନିଷ୍ଠାର ସହିତ ଶିକ୍ଷାଦାନ କରି ଦେଶସେବା କରନ୍ତି। ଜଣେ କୃଷକ ଅନ୍ନ ଉତ୍ପାଦନ କରି ଦେଶସେବା କରନ୍ତି। ଜଣେ ଡାକ୍ତର ଜୀବନ ବଞ୍ଚାଇ ଦେଶସେବା କରନ୍ତି। ଜଣେ ସୈନିକ ସୀମାରେ ଦେଶକୁ ସୁରକ୍ଷା ଦେଇ ଦେଶସେବା କରନ୍ତି। ଜଣେ ଶ୍ରମିକ ନିଜର କର୍ତ୍ତବ୍ୟକୁ ସଚ୍ଚୋଟ ଭାବରେ ସମ୍ପାଦନ କରି ଦେଶ ଗଠନରେ ଅବଦାନ ଦିଅନ୍ତି। ପ୍ରତ୍ୟେକ ସଚ୍ଚୋଟ ପ୍ରୟାସର ଦେଶର ପ୍ରଗତିରେ ମୂଲ୍ୟ ରହିଛି।

ଆସନ୍ତାକାଲିର ଭାରତ ଆଜି ଆମେ କରୁଥିବା କାର୍ଯ୍ୟ ଦ୍ୱାରା ଗଢ଼ିଉଠିବ। ତେଣୁ ଆମର ଭବିଷ୍ୟତ ଜ୍ଞାନ, ସଚ୍ଚୋଟତା, ସମାନତା, ଶୃଙ୍ଖଳା ଓ ଏକତା ଉପରେ ଗଢ଼ିବା ଆବଶ୍ୟକ। ପ୍ରତ୍ୟେକ ଶିଶୁକୁ ଶିକ୍ଷା ଓ ବିକାଶର ସୁଯୋଗ ମିଳିବା ଦରକାର। ଯୁବପିଢ଼ି ପାଇଁ ଦକ୍ଷତା ବିକାଶ ଓ ରୋଜଗାରର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ନାରୀଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ସହିତ ଶିଶୁମାନଙ୍କୁ ଶୋଷଣ, ନିର୍ଯ୍ୟାତନା ଓ ଶିଶୁଶ୍ରମରୁ ମୁକ୍ତ ରଖିବା ଆମର ଦାୟିତ୍ୱ। ପରିବେଶ ସୁରକ୍ଷା ମଧ୍ୟ ଆମର ଜାତୀୟ ଦାୟିତ୍ୱ। ଗଛ ଲଗାଇବା, ଜଳ ସଞ୍ଚୟ କରିବା, ପ୍ରଦୂଷଣ ହ୍ରାସ କରିବା ଓ ପରିବେଶକୁ ସ୍ୱଚ୍ଛ ରଖିବା କେବଳ ପରିବେଶ ସୁରକ୍ଷାର କାର୍ଯ୍ୟ ନୁହେଁ; ଏହା ଆଗାମୀ ପିଢ଼ି ପ୍ରତି ଆମର ଦାୟିତ୍ୱ।

ଯୁବପିଢ଼ି ହେଉଛନ୍ତି ଭାରତର ସବୁଠାରୁ ବଡ଼ ଶକ୍ତି। ସେମାନଙ୍କର ଶକ୍ତି, ସୃଜନଶୀଳତା, ଜ୍ଞାନ ଓ ଦକ୍ଷତା ଦେଶକୁ ନୂଆ ଉଚ୍ଚତାକୁ ନେଇପାରିବ। ଯୁବପିଢ଼ି ବଡ଼ ସ୍ୱପ୍ନ ଦେଖିବା ସହିତ ନିଜର ଦାୟିତ୍ୱକୁ ମଧ୍ୟ ବୁଝିବା ଆବଶ୍ୟକ। ଶିକ୍ଷା କେବଳ ରୋଜଗାର ଦେବାର ମାଧ୍ୟମ ନହୋଇ ଚରିତ୍ର, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧ ଗଢ଼ିବାର ମାଧ୍ୟମ ହେବା ଉଚିତ। ଯୁବପିଢ଼ି ପ୍ରଯୁକ୍ତିର ସଠିକ୍ ବ୍ୟବହାର କରିବା ସହିତ ନିଶା, ହିଂସା ଓ ଅନ୍ୟାନ୍ୟ କୁପ୍ରବୃତ୍ତି ଠାରୁ ଦୂରେଇ ରହିବା ଆବଶ୍ୟକ। ସେମାନେ ଅନ୍ୟମାନଙ୍କୁ ସମ୍ମାନ ଦେଇ ଶାନ୍ତିପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ଅବଦାନ ଦେବା ଉଚିତ। ଯୁବପିଢ଼ି ଯଦି ଦାୟିତ୍ୱବାନ ଓ ଦୃଢ଼ ପ୍ରତିବଦ୍ଧ ହୁଅନ୍ତି, ତେବେ ଭାରତର ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ ହେବ।

ଭାରତ ତାହାର ବିବିଧତା ପାଇଁ ପରିଚିତ। ଆମର ଭିନ୍ନ ଭିନ୍ନ ଭାଷା, ଧର୍ମ, ସଂସ୍କୃତି, ପରମ୍ପରା ଓ ଜୀବନଧାରା ରହିଛି। ତଥାପି ଆମକୁ ଗୋଟିଏ ପରିଚୟ ଏକାଠି କରି ରଖିଛି—ଆମେ ଭାରତୀୟ। ଆମ ଭିତରେ ଥିବା ଘୃଣା, ଭେଦଭାବ, ବିଭାଜନକୁ ଓ ଆମର ଏକତାକୁ ଦୁର୍ବଳ କରିବାକୁ ଦେବା ଉଚିତ ନୁହେଁ। ପ୍ରତ୍ୟେକ ସମ୍ପ୍ରଦାୟକୁ ସମ୍ମାନ ଦେବା ଏବଂ ଆମର ବିବିଧତାକୁ ଗର୍ବର ସହିତ ପାଳନ କରିବା ଆବଶ୍ୟକ। "ବିବିଧତାରେ ଏକତା" ହେଉଛି ଆମ ଦେଶର ଅନ୍ୟତମ ମହାନ ଶକ୍ତି। ତେଣୁ ସ୍ୱାଧୀନତାର ୭୯ ବର୍ଷ ପୂର୍ତ୍ତି ଅବସରରେ ଆମକୁ ସେହି ବୀରମାନଙ୍କ ବଳିଦାନକୁ ସ୍ମରଣ କରିବାକୁ ହେବ, ଯେଉଁମାନେ ଆମକୁ ସ୍ୱାଧୀନତାର ମହାନ ଉପହାର ଦେଇଛନ୍ତି। ସେମାନଙ୍କ ବଳିଦାନକୁ କେବଳ ଇତିହାସର ଏକ ଅଧ୍ୟାୟ ଭାବେ ରହିବାକୁ ଦେବା ଉଚିତ ନୁହେଁ।

ଆମକୁ ସେମାନଙ୍କ ସ୍ୱପ୍ନକୁ ଆଗେଇ ନେବାକୁ ହେବ।

ଆମେ ଏପରି ଏକ ଭାରତ ଗଢ଼ିବାକୁ ହେବ, ଯେଉଁଠି ପ୍ରତ୍ୟେକ ନାଗରିକ ସମ୍ମାନର ସହିତ ବଞ୍ଚିପାରିବେ, ପ୍ରତ୍ୟେକ ଶିଶୁ ଶିକ୍ଷା ପାଇବ, ପ୍ରତ୍ୟେକ ନାରୀ ସୁରକ୍ଷିତ ଅନୁଭବ କରିବେ, ପ୍ରତ୍ୟେକ ଯୁବକ-ଯୁବତୀ ନିଜ ସ୍ୱପ୍ନ ପୂରଣ ପାଇଁ ସୁଯୋଗ ପାଇବେ ଏବଂ ପ୍ରତ୍ୟେକ ସମ୍ପ୍ରଦାୟ ଶାନ୍ତିରେ ଏକାଠି ବଞ୍ଚିବେ। ତ୍ରିରଙ୍ଗା ଆମକୁ ଆମର ଅତୀତର ସ୍ମୃତି ଦିଏ, ବର୍ତ୍ତମାନର ପ୍ରେରଣା ଦିଏ ଏବଂ ଭବିଷ୍ୟତ ପାଇଁ ଆଶା ସୃଷ୍ଟି କରେ। ସ୍ୱାଧୀନତାର ଅଶି ବର୍ଷ ଏକ ଗର୍ବର ମୁହୂର୍ତ୍ତ, କିନ୍ତୁ ଏହା ଏକ ଦାୟିତ୍ୱର ଆହ୍ୱାନ ମଧ୍ୟ। ସ୍ୱାଧୀନତା ସଂଗ୍ରାମୀମାନେ ଆମର ଭବିଷ୍ୟତ ପାଇଁ ନିଜର ବର୍ତ୍ତମାନକୁ ବଳିଦାନ ଦେଇଥିଲେ। ଏବେ ଆଗାମୀ ପିଢ଼ି ପାଇଁ ଏକ ଉତ୍ତମ ଭବିଷ୍ୟତ ଗଢ଼ିବା ଆମର କର୍ତ୍ତବ୍ୟ।

ତେବେ ସମସ୍ତେ ଆସନ୍ତୁ, ଆମେ ଅତୀତକୁ କୃତଜ୍ଞତାର ସହିତ ସ୍ମରଣ କରିବା, ବର୍ତ୍ତମାନକୁ ଦାୟିତ୍ୱର ସହିତ ବଞ୍ଚିବା ଏବଂ ଆତ୍ମବିଶ୍ୱାସର ସହିତ ଭବିଷ୍ୟତ ଆଡ଼କୁ ଅଗ୍ରସର ହେବା। ଅତୀତର ବଳିଦାନ ଆମକୁ ସ୍ୱାଧୀନତା ଦେଇଛି; ଆଜି ଆମର ପ୍ରତିବଦ୍ଧତା ଆସନ୍ତାକାଲିର ଭାରତକୁ ଗଢ଼ିବ।

ଏହି ସ୍ୱାଧୀନତା ଦିବସରେ ସଂକଳ୍ପ ନେବା, ଆମେ ସଚ୍ଚୋଟତାର ସହିତ କାମ କରିବା, ଶାନ୍ତିରେ ବଞ୍ଚିବା, ନିଜ ସହନାଗରିକଙ୍କୁ ସମ୍ମାନ ଦେବା ଏବଂ ଆମ ପ୍ରିୟ ଦେଶର ପ୍ରଗତିରେ ନିଜର ଅବଦାନ ଦେବା ପାଇଁ ଏକ ଦୃଢ଼ ଶପଥ ନେବା। ତ୍ରିରଙ୍ଗା କେବଳ ଆକାଶରେ ନୁହେଁ, ଆମ ହୃଦୟରେ ମଧ୍ୟ ଆହୁରି ଉଚ୍ଚରେ ଉଡୁ।

। ଜୟ ହିନ୍ଦ !

# ଆମେ କେତେ ସ୍ୱାଧୀନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ – ୭୨୦୫୧୦୦୮୩୯

ଉତ୍ତର ପ୍ରଦେଶରେ ବିଭିନ୍ନ ସ୍ଥାନରେ ଭାରତର ୮୦ ତମ ସ୍ୱାଧୀନତା ଦିବସ ପାଇଁ ହର ଘର ତ୍ରିରଙ୍ଗାର କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏହି ଭିତରେ ଭାରତର ରାଜନୀତି ଏବଂ ସାମାଜିକ ସ୍ତରରେ ଏକ ନୂଆ ଆନ୍ଦୋଳନର ବିଜୟ ରୋପଣ ହୋଇଛି । ଯୁବ ସମାଜ ଭାରତର ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଚିହ୍ନ ଲଗାଇଦେଇଛନ୍ତି। ବର୍ତ୍ତମାନର ଶାସକ ଗୋଷ୍ଠି ଓ ବିରୋଧି ଦଳ ଜେନଜିଙ୍କର ବିଶ୍ୱାସ ଭାଜନ ହେବା ପାଇଁ ଚେଷ୍ଟାରତ। ଏ ସବୁଭିତରେ ଭାରତ ତାର ୮୦ତମ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ ଯାଉଛି। ଭାରତର ଆବାଳ ବୃଦ୍ଧ ବନିତା ଏହି ସ୍ୱାଧୀନତା ଦିବସକୁ ଗର୍ବ ଓ ଗୌରବର ସହିତ ପାଳନ କରିବାକୁ ଯାଉଛନ୍ତି। ଏହି ଭିତରେ ଭାରତର ଜନସଂଖ୍ୟା ଚୀନ ଠାରୁ ଅଧିକ ହୋଇଯାଇଛି। ଆଜିର ସାମାଜିକ ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା ଓ ଅର୍ଥନୈତିକ ବ୍ୟବସ୍ଥା ଯାହା ରହିଛି ତାହା କଣ ଆମ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଥିଲା? ଏମିତି ଏକ ଭାରତର ସ୍ୱପ୍ନ ନେଇ ସେମାନେ କଣ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଆମର ସ୍ୱାଧୀନତା ସଂଗ୍ରାମୀମାନେ ଭାରତକୁ ଏମିତି ଦେଖିବାକୁ ଚାହିଁଥିଲେ? ଦେଶପାଇଁ ବଳିଦାନ ଦେବା ପାଇଁ ଯେଉଁ ଅଦ୍ଭୁତ ନିଶା ସେମାନଙ୍କ ଭିତରେ ଥିଲା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଆଜି ସ୍ୱାର୍ଥର ପାହାଡ ଉପରେ ବସି ଆମେ ସେମାନଙ୍କ ବଳିଦାନକୁ ବୁଝିପାରିବାନି। ଆଜି ଆମର ଗାଁ ଗୁଡିକ ସହର ଅଭିମୁଖି ହୋଇଯାଇଛନ୍ତି। ଚାଷ ଜମିଗୁଡିକ ଧୀରେ ଧୀରେ କଂକ୍ରିଟର ଜଙ୍ଗଲ ହୋଇଗଲେଣି, ଆମ ପାଣି ପବନ ଓ ମାଟି ସବୁକିଛି ବିଷାକ୍ତ ହୋଇଗଲାଣି। ଆମର ଶିକ୍ଷା ପଦ୍ଧତି ଆମକୁ ରୋଜଗାରକ୍ଷମ କରିବା ଠାରୁ ବେଶି ବେରୋଜଗାର କରୁଛି । ଯୌଥ ପରିବାରର ଆକର୍ଷଣ ଆଉ ନାହି ଗାଁର ଭାଗବତ ଟୁଙ୍ଗି ଭାଙ୍ଗିଗଲାଣି ଆମେ ସବୁ ଯେମିତି ଯନ୍ତ୍ର ଚାଳିତ ମଣିଷ ହୋଇଯାଇଛୁ ।

ଆମର ସ୍ୱାଧୀନତା ସଂଗ୍ରାମର ଶ୍ରେଷ୍ଠ ନାୟକ ଥିଲେ ମହାତ୍ମା ଗାନ୍ଧୀ। ଗାନ୍ଧୀଙ୍କ ଡାକରାରେ ଶହ ଶହ ଦେଶ ଭକ୍ତ ଆଗେଇ ଆସିଥିଲେ। ଅହିଂସାର ପୂଜାରୀର ଆହ୍ୱାନରେ ଆଗେଇ ଆସିଥିବା ଦେଶପ୍ରେମୀଙ୍କୁ ହିଂସାର ଚାବୁକ ଖାଇବାକୁ ପଡିଥିଲା, ଅନେକ ସ୍ୱଧୀନତା ସଂଗ୍ରାମୀ ଗୁଳିମାଡ ବି ଖାଇଛନ୍ତି । ଆମେ ଶୁଣିଛୁ ସ୍ୱାଧୀନତା ସଂଗ୍ରାମୀ ମାନେ ହସି ହସି ଫାଶୀ ଖୁଣ୍ଟରେ ଚଢିଯାଉଥିଲେ । ସେମାନଙ୍କ ତ୍ୟାଗ ଓ ବଳିଦାନ ଆମପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଗାନ୍ଧୀଜୀ କହିଥିଲେ ଯେଉଁ ଦିନ ଜଣେ ଏକୁଟିଆ ମହିଳା ରାତି ଅଧରେ ଅକୁଟିଆ ଯିବା ପାଇଁ ଡରିବ ନାହିଁ ସେହି ଦିନ ଆମେ ଭାବିବା ଯେ ଆମେ ପ୍ରକୃତରେ ସ୍ୱାଧୀନ ହୋଇଛେ। ମାହାତ୍ମାଙ୍କ ସେହି ସ୍ୱପ୍ନ ଠାରୁ କେତେ ଦୂରରେ ଆମେ ଆଜି ଠିଆ ହୋଇଛେ । ଆମ ଦେଶରେ ଆଜି ଦିନ ଦ୍ୱିପହରରେ ଭିଡ ଭିତରେ ବି ମହିଳା ସୁରକ୍ଷିତ ନୁହନ୍ତି। ୨୦୦ ବର୍ଷ ଧରି ଇଂରାଜୀ ଆମକୁ ଶାସନ କରି ଚାଲିଲେ, ଯେତେବେଳେ ଇଂରାଜୀ ସରକାର ଏହି ଦେଶକୁ ଆସିଥିଲେ ସେତେବେଳେ ଭାରତକୁ "ସୋନେ କି ଚିଡିଆ"କୁହାଯାଉଥିଲା। ଭାରତର ସଂସ୍କୃତି ଓ ସମ୍ପଦ ଅନେକ ବିଦେଶୀଙ୍କୁ ଆକର୍ଷିତ କରିଥିଲା। ଇଂରାଜୀମାନେ ଯେତେବେଳେ ଆମ ଦେଶକୁ ଛାଡିଗଲେ ଆମେ ସ୍ୱାଧୀନତା ତ ପାଇଲୁ କିନ୍ତୁ ବିଶ୍ୱର ଆଖିରେ ଗୋଟିଏ ଗରିବ ଦେଶ ହୋଇ ଠିଆହେଲୁ । ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ପରେ ପୃଥିବୀ କ୍ଷତାକ୍ତ ଥିଲା ଆମ ଦେଶକୁ ଏହି ବିଶ୍ୱ ଯୁଦ୍ଧ ଦୁଇଟି ବହୁତ ପ୍ରଭାବିତ କରିଛନ୍ତି। ଆମ ସ୍ୱାଧୀନତା ସଂଗ୍ରାମର ମାହା ନାୟକ ମହାତ୍ମା ଗାନ୍ଧୀଙ୍କ ମତରେ "Ours is not a drive for power, but purely a non violent fight for India's independence" ଗାନ୍ଧୀଙ୍କ ମତରେ ଆମର ସ୍ୱାଧୀନତା ସଂଗ୍ରାମ କ୍ଷମତା ପାଇବା ପାଇଁ ହୋଇନଥିଲା ବରଂ ଅହିଂସା ମାର୍ଗରେ ଯାଇ ବିଦେଶୀ ଶାସକଙ୍କ ଠାରୁ ନିଜ ଦେଶକୁ ସ୍ୱାଧୀନ କରିବା ପାଇଁ ହୋଇଥିଲା। ଗାନ୍ଧୀଙ୍କ ଚିନ୍ତାଧାରା ଠାରୁ ଟିକେ ଅଲଗା ଆଉ ଏକ ଚିନ୍ତାଧାରା ଜନ୍ମ ନେଇଥିଲେ ସିଏ ହେଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଯୁଦ୍ଧ କରି ବିଦେଶୀ ସରକାରଙ୍କୁ ଏହି ଦେଶରୁ ହଟାଇବା ପାଇଁ ପଣ କରିଥିଲେ । ସିଏ ଆହ୍ୱାନ ଦେଇଥିଲେ "Give me blood I will give you freedom"ଏହାର ଅର୍ଥ ହେଲା ତମେ ମତେ ରକ୍ତ ଦିଅ ମୁ ତୁମକୁ ସ୍ୱାଧୀନତା ଦେବି। ଏମିତି ଅନେକ ନେତା ନିଜ ନିଜର ଚିନ୍ତାଧାରା ଧରି ସ୍ୱାଧୀନତା ସଂଗ୍ରାମରେ ନିୟୋଜିତ ହୋଇଥିଲେ। ସମସ୍ତଙ୍କର କିନ୍ତୁ ଗୋଟିଏ ଉଦ୍ଦେଶ୍ୟ ଥିଲା ତାହାହୋଇଛି ସ୍ୱାଧୀନତା । ମହାରାଷ୍ଟ୍ରର ମାଟିରେ ଲୋକମାନ୍ୟ ତିଲକ ପରି ପ୍ରତିଭା ଜନ୍ମ ନେଇଥିଲା , ଗାନ୍ଧୀଙ୍କ ମତରେ ସିଏ ଥିଲେ "ଆଧୁନିକ ଭାରତର ନିର୍ମାତା'' । ସ୍ୱାଧୀନତାର ଆନନ୍ଦ କିନ୍ତୁ ଆମ ନେତାମାନଙ୍କ ଭାଗ୍ୟରେ ନଥିଲା ଦେଶର ବିଭାଜନ ତା ସହିତ ନରସଂହାରର ବିକରାଳ ଦୃଶ୍ୟ ସେମାନଙ୍କ ହୃଦୟକୁ ଗଭୀର ଦୁଃଖ ପହଞ୍ଚାଇଥିଲା। ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ୧୪ ଦିନ ଅନଶନ କରିଥିଲେ । ଆଜିର ଦିନରେ ସେଇ ମଣିଷ ମାନଙ୍କ କଥା ଶୁଣିଲେ ବିଶ୍ୱାସ ହୁଏନାହି । ଆଜିର ବସ୍ତୁ ବାଦି ଦୁନିଆ ଅନ୍ଧ ହୋଇ ପଇସା ପଛରେ ଦୌଡୁଛି। ଆଦର୍ଶ ମାଟିରେ ମିଶିଗଲାଣି ।ତ୍ୟାଗ ବଳିଦାନ ପରି ଶବ୍ଦ ଦୁର୍ବୋଧ ମନେ ହେଉଛି । ଆମ ପାଇଁ ସୁରକ୍ଷା ଏକ ମୁଖ୍ୟ ବିଷୟ । ଯୁଦ୍ଧର ଭୟ ସବୁଠି ରହିଛି । ଇଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ଅନ୍ୟର ସର୍ବନାଶ କରିବା ପାଇଁ କୋଟି କୋଟି ଟଙ୍କା ବିନିମୟରେ ମାରଣାସ୍ତ୍ର ତିଆରି କରିଚାଲିଛି ।ଦିନେ ଏହି ମଣିଷର ମୁଣ୍ଡ ଶାନ୍ତି ଏବଂ ସଦ୍ଭାବର ବାର୍ତ୍ତା ପ୍ରଚାର କରୁଥିଲା। ଏବେ ସେହି ସବୁ ହଜିଗଲାଣି। ଆମ ଭିତରେ ଥିବା ସୃଜନଶିଳ ପ୍ରତିଭା ଝାଉଁଳି ଗଲାଣି । ଚାରୋଟି ବନ୍ଧୁ ଏକାଠି ବସିଲେ ଦୁଃଖ ସୁଖ ହେଉନାହାନ୍ତି ବରଂ ନିଜ ନିଜ ମୋବାଇଲ ଭିତରେ ହଜିଯାଉଛନ୍ତି । ସ୍ୱାମୀସ୍ତ୍ରୀ ଏକାଠି ବସି କଥା ହେଉନାହାନ୍ତି ବରଂ ମୋବାଇଲ ଭିତରେ ବ୍ୟସ୍ତ ରହୁଛନ୍ତି ଏହା ଆମର ଆଧୁନିକତା। ଯନ୍ତ୍ର ଆମକୁ ଯନ୍ତ୍ର କରିଦେଇଛି କେବେ ଆମେ ଫେରି ପାଇବା ଆମର ମଣିଷ ପଣିଆ? ତେବେ ଆମେ କହିବା ଆମେ ସ୍ୱାଧୀନ ।

# ସ୍ୱାଧୀନତାର ପ୍ରକୃତ ମୂଲ୍ୟବୋଧ ଓ ସ୍ୱାଧୀନ ଭାରତୀୟ



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ପ୍ରତି କୋଣ ଅନୁକୋଣରେ ଆଜି ପାଳିତ ହେଉଛି ୮୦ତମ ସ୍ୱାଧୀନତା ଦିବସ। ସମସ୍ତଙ୍କ ହାତରେ ଦେଶର ବୈଭବ, ସମୃଦ୍ଧ ତଥା ପ୍ରଗତିର ପ୍ରତୀକ ତ୍ରିରଙ୍ଗା, ଯାହାର ସଂସ୍ପର୍ଶରେ ଥରେ ଆସିଲେ ଯେକୌଣସି ଲୋକର ମନରେ ଦେଶପ୍ରେମ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ପୁନଶ୍ଚ ମନେପକାଇ ଦେବ ଗୋରା ସାହେବଙ୍କ ଦ୍ୱାରା ଭାରତୀୟ ମାନଙ୍କ ପ୍ରତି ଅକଥନୀୟ ଦମନ ଲୀଳାର ଲୋମ ଟାଙ୍କୁରା ଯନ୍ତ୍ରଣା । ଶହ, ଶହ ବର୍ଷ ବିଦେଶୀ କବଳରେ ପଡି ଭାରତୀୟ ମାନେ ନିଜର ବାକ୍ ସ୍ୱାଧୀନତା ମଧ୍ୟ ହରାଇଥିଲେ । ଏପରିକି ପାଟିରୁ ସ୍ୱାଧୀନତା ସପକ୍ଷରେ ପଦେ କଥା ବାହାରିଲେ, ବିନା କାରଣରେ ମୁଣ୍ଡ ମଧ୍ୟ ଗଡି ଯାଉଥିଲା, ଯାହାକୁ ବିଚରା ଭାରତୀୟ ମାନଙ୍କୁ ମୁଣ୍ଡ ପାତି ସହିବାକୁ ପଡୁଥିଲା । ଇଂରେଜ ମାନଙ୍କ ଭିତିରି ଉଦ୍ଦେଶ୍ୟ ଥିଲା ଲୋକଙ୍କୁ ସ୍ୱାଧୀନତା ଆନ୍ଦୋଳନରୁ ଦୂରେଇ ରଖି, ଭାରତର ପ୍ରାଚୁର୍ଯ୍ୟ କୁ ଉପଭୋଗ କରିବା । "ପରାଧୀନ ଭାରତ" ଜନିତ ଦୁଃଖ ଦୁର୍ଦ୍ଦଶା ପ୍ରତି ମୁହୂର୍ତ୍ତରେ ଲୋକଙ୍କୁ ବ୍ୟସ୍ତ ବିବ୍ରତ କରୁଥିଲା । ସାମାଜିକ ପ୍ରାଣୀ ହିସାବରେ ସମାଜରେ ବଞ୍ଚି ରହିବାର ଅଧିକାର ଦିନକୁ ଦିନ ବିଗିଡିବାରେ ଲାଗିଲା । ଶେଷରେ ଭାରତୀୟ ମାନଙ୍କ ଦେଶଭକ୍ତି ଜନିତ ଜିଦ୍ ଖୋର ମନୋଭାବ ସ୍ୱାଧୀନତା ଆନ୍ଦୋଳନକୁ ଜନ୍ମ ଦେଲା । ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟ ପୁରୋଧା ଗାନ୍ଧିଜୀ ଙ୍କ ଅହିଁସା ଅସ୍ତ୍ରକୁ ଭାରତୀୟ ମାନେ ପୂର୍ଣ୍ଣ ସମର୍ଥନ ଦେଲେ ଓ ଏହା ଶହ ଶହ ବର୍ଷ ଧରି ରାଜ କରୁଥିବା ଇଂରେଜ ମାନଙ୍କୁ ରାତି ଅଧରେ ରେ ଭାରତ ଛାଡିବାକୁ ବାଧ କରି ଥିଲା ଓ ସେଦିନ ଥିଲା ୧୯୪୭ ମସିହା ଅଗଷ୍ଟ ମାସ ଚଉଦ ତାରିଖ ଠିକ୍ ରାତି ବାରଟା । ପରଦିନ ଅର୍ଥାତ୍ ଅଗଷ୍ଟ ପନ୍ଦର ତାରିଖରେ ଲାଲକିଲ୍ଲା ଠାରେ ଜୱାହରଲାଲ ନେହେରୁ, ମହାତ୍ମା ଗାନ୍ଧୀ, ଭଳି ମହାନ୍ ଦେଶଭକ୍ତ ହାତରେ ତ୍ରିରଙ୍ଗା ଉଡାଇ ଦେଶବ୍ୟାପୀ ସ୍ୱାଧୀନତା ଦିବସ ପାଳନ କରିବାପାଇଁ ଡାକରା ଦେଲେ। ସେବେଠାରୁ ଆମେ ହେଉଛୁ ଦେଶର ଜଣେ ଜଣେ ସ୍ୱାଧୀନ ନାଗରିକ। ଏହି ସ୍ୱାଧୀନତା ର ସ୍ୱାଦ ଚାଖିବାକୁ କେତେ ଯେ ଭାରତୀୟ ଙ୍କ ଜୀବନ ଯାଇଛି ତା'ର ହିସାବ କାହା ପାଖରେ ନାହିଁ। ସେହି ମହାନ ବୀର ଓ ଦେଶପ୍ରେମୀ ମାନଙ୍କୁ ଆଜି ପ୍ରତିଟି ଭାରତୀୟ ଶ୍ରଦ୍ଧା ସୁମନ ଅର୍ପଣ କରି ତାଙ୍କର ଅମର ଆତ୍ମାର ସଦ୍ ଗତି କାମନା କରିବା ସହିତ ତାଙ୍କ ବୀରତ୍ୱ ଗାଥା ର ଜୟଜ୍ଞାନ କରୁଛନ୍ତି। ଏଥିମଧ୍ୟରେ ଦେଶ ସ୍ୱାଧୀନତା ର ୭୯ ଟି ଫଗୁଣ ଅତିକ୍ରମ କରିବା ସହିତ ଭାରତ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ସହ ଦେଶରେ ଅଖଣ୍ଡତା ବଜାୟ ରଖିବା ରେ ଢେର ସକ୍ଷମ ହୋଉଛି। ଆମ ଦେଶ ଅନେକ କ୍ଷେତ୍ରରେ ଆଶାତୀତ ପରିବର୍ତ୍ତନ ହାସଲ କରି ବିଶ୍ୱ ର ଆଗଧାଡିର ସମୃଦ୍ଧ ରାଷ୍ଟ୍ର ମାନଙ୍କ ସହିତ ସମକକ୍ଷ ହୋଇ ପାରିଛି, ଯେଉଁଥିପାଇଁ ଭାରତୀୟ ହିସାବରେ ଆମେ ଗର୍ବ ଅନୁଭବ କରୁଛୁ, ପୁନଶ୍ଚ ଆଗାମୀ ଦିନରେ ଭାରତ, ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ରାଷ୍ଟ୍ର ରୂପେ ମାନ୍ୟତା ପାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ସବୁ ପରେ ଭାରତ ଭଳି ଜନବହୁଳ ରାଷ୍ଟ୍ର ରେ କୃଷି, ଶିକ୍ଷା, ଜଳବାୟୁ, ବିଜ୍ଞାନ, କାରିଗରୀ, ବୈଷୟିକ, ସହ ସାଧାରଣ ସ୍ୱାସ୍ଥ୍ୟ, ସାମାଜିକ ସଂହତି ଓ ଶାସନ ପ୍ରଣାଳୀର ଦୀର୍ଘ ମିଆଦ ସଂସ୍କାର କୁ ଗୁରୁତ୍ୱ ଦେବାକୁ ପଡିବ, ଏହା ସମ୍ଭବ ହେଲେ ଆମେ କଳ୍ପନା କରୁଥିବା "ବିକଶିତ ଭାରତ" ଓ ବିଶ୍ୱଗୁରୁ ର ପ୍ରକୃତ ଦାବିଦାର ହୋଇ ପାରିବା । ଦେଶ ସ୍ୱାଧୀନତା ପ୍ରାପ୍ତି ର ଅଷ୍ଟମ ଦଶନ୍ଧି ର ନିକଟବର୍ତ୍ତୀ ହୋଇଥିଲେ ମଧ୍ୟ, ମାନବିକ ମୂଲ୍ୟବୋଧ ର ଅବକ୍ଷୟ , ଭ୍ରଷ୍ଟାଚାର, ଅସହିଷ୍ଣୁତା, ଅସାଧୁ ବ୍ୟବସାୟ, ଅନ୍ୟାୟ ଅତ୍ୟାଚାର, ଦିଶାହୀନ ଶିକ୍ଷା ବ୍ୟବସ୍ଥା, ଲୋକଙ୍କ ଆଚରଣହୀନ ବ୍ୟକ୍ତିତ୍ୱ ତଥା ଅତ୍ୟାଧୁନିକ ମାନସିକତା ସାମାଜିକ ଚଳଣି ରେ ଭାରତୀୟ ସଂସ୍କୃତି ବଜାୟ ରଖିବା ରେ ଘୋର ଅନ୍ତରାୟ ସୃଷ୍ଟି କରୁଛି ଯାହା ଅତ୍ୟନ୍ତ ଚିନ୍ତାଜନକ । ଭାରତୀୟ ମାନଙ୍କ ଜୀବନ ଧାରା କୁ ଅନୁଧ୍ୟାନ କରି ଗାନ୍ଧୀ ଯେଉଁ ଅହିଁସା ମାର୍ଗ କୁ ଆପଣାଇଥିଲେ, ତାହା ଆଜିର ଦିନରେ ଆମେ କେତେ ପାଳନ କରୁଛେ ? ପରନ୍ତୁ ଆମେ ଅହିଁସା ରୁ ବିରତ ରହି ହିଂସାତ୍ମକ ପଥରକୁ ଅଧିକ ପ୍ରାଧାନ୍ୟ ଦେଇ ସ୍ୱାଧୀନତା ର ମୂଳ ଉଦ୍ଦେଶ୍ୟ କୁ ଆମେ ଢେର୍ ଉପେକ୍ଷା କରୁଛୁ ଯାହା ମହାତ୍ମା ଙ୍କ ଦିବଙ୍ଗତ ଆତ୍ମା କୁ ଆଦୌ ଶାନ୍ତି ଦେଉନଥିବ। ଗାନ୍ଧିଜୀ ଥିଲେ ଜଣେ ବାସ୍ତବବାଦୀ, ତଥା ଆଦର୍ଶବାଦୀ ମଣିଷ। ତାଙ୍କ ମତରେ ସମାଜର ସାମଗ୍ରିକ ଉନ୍ନତି ହିଁ ପ୍ରକୃତ ସ୍ୱାଧୀନତା । ପୁନଶ୍ଚ ସେ ଦୋହରାଇ ଥିଲେ "ଯେଉଁଦିନ ଜଣେ ନାରୀ ଯଦି ରାତି ବାରଟା ପରେ ନିର୍ବିଘ୍ନରେ ରେ ବିଚରଣ କରିପାରିବ ସେଦିନ ହିଁ ଆମେ ପ୍ରକୃତ ସ୍ୱାଧୀନତା ପାଇଲେ ବୋଲି ଧରିନେବା, ଏହାର ପ୍ରକୃତ ସତ୍ୟତା ଜଣେ ନାରୀ ହିଁ କହିପାରିବ, ଏଥିପାଇଁ ଆମର "ଆତ୍ମ ସଂଜମତା" ସହିତ ପରୋକ୍ଷରେ "ନୈତିକ ଶିକ୍ଷା" କୁ ଦାୟୀ କରିପାରିବା । ଇତିମଧ୍ୟରେ ସମାଜରେ ଅନେକ ପରିବର୍ତ୍ତନ ହେବା ସହ ଭାରତର ଜନସଂଖ୍ୟା ୧୫୦ କୋଟି ର ନିକଟବର୍ତ୍ତୀ ହେଲାଣି କିନ୍ତୁ ଶିକ୍ଷିତ ଓ ସ୍ୱାବଲମ୍ବୀ ଙ୍କ ସଂଖ୍ୟା କେତେ ? ଏହା ପ୍ରକାଶ କରିବା ଏକ ଲଜ୍ଜା ର ବିଷୟ । ଭାରତ ଭଳି ମର୍ଯ୍ୟାଦାସମ୍ପନ୍ନ ରାଷ୍ଟ୍ର ରେ "ମାଗଣା ପାଇବା ଲୋଭ" ଓ "ସଂରକ୍ଷଣ ସୁବିଧା" ହାତେଇବା ଆଦି ମାନସିକତା କବଳରୁ ମୁକ୍ତ ହୋଇପାରୁନାହୁଁ । ଜାତିଗତ ବିଭେଦ ଆଳରେ ସଂରକ୍ଷଣ ଏକ ଦୀର୍ଘକାଳୀନ ତଥା ବଂଶଗତ ସୁବିଧା ରୂପେ ଦାବି ଉପସ୍ଥାପନ ଅନେକ କ୍ଷେତ୍ରରେ ଅସଙ୍ଗତି ସୃଷ୍ଟି କରିବା ସହିତ ପରୋକ୍ଷରେ ଦେଶର ପ୍ରଗତି ପଥରେ ଅନେକ ସମସ୍ୟା ସୃଷ୍ଟି କରୁଛି । ସ୍ୱାଧୀନତା ସମୟରେ ଦେଶର ସ୍ଥିତି କୁ ଅନୁଧ୍ୟାନ କରି ସମାଜରେ ଦୁର୍ବଳ ତଥା ଅବହେଳିତ ବର୍ଗର ଙ୍କ ପାଇଁ ସଂରକ୍ଷଣ ଭଳି ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଯାଇଥିଲା, କିନ୍ତୁ ଏହାର ସୁଫଳ ପାଇବା ପାଇଁ ଅନେକ ଅବହେଳିତ ଲୋକ ଏବେବି ବଞ୍ଚିତ ଅଛନ୍ତି, ଏହାଠାରୁ ଚିନ୍ତା ର ବିଷୟ ଆଉ କଣ ହୋଇପାରେ? । ସଂରକ୍ଷଣ ର ସୁବିଧା ଉପଭୋଗ କୁ ବଂଶଗତ ନକରି ସଠିକ ଢଙ୍ଗରେ କାର୍ଯ୍ୟକାରୀ କରିଥିଲେ ବୋଧହୁଏ ସଂରକ୍ଷଣ ଜନିତ ସୁବିଧା ପାଇଁ ଆଜିର ଦିନରେ କେହି ବି ଦାବିଦାର ନଥାନ୍ତେ । ଫଳରେ ପ୍ରତିଟି କ୍ଷେତ୍ରରେ ଯୋଗ୍ୟତା ଭିତ୍ତିକ ଚୟନ ଦେଶକୁ ପ୍ରଗତି ପଥରେ ବଢିବା ପାଇଁ ନୂଆ ଦିଶା ଦେଖାଇବାପାଇଁ ସକ୍ଷମ ହୋଇପାରନ୍ତା । ବର୍ତ୍ତମାନ ସବୁଠାରୁ ବିଡମ୍ବନା ର ବିଷୟବସ୍ତୁ ହେଉଛି ଭାରତ ରେ "ଅଭିସନ୍ଧି ମୂଳକ ରାଜନୀତି" ଦେଶରେ ଅନେକ ପରିସ୍ଥିତି କୁ ବିଗାଡି ଦେଉଛି ଯେଉଁଥିପାଇଁ ଆମେ ସ୍ୱାଧୀନତା ର ପ୍ରକୃତ ମୂଲ୍ୟବୋଧ ଠାରୁ କ୍ରମଶ ଦୂରେଇ ଯାଉଛି । ଅପରପକ୍ଷେ ରାଜନେତା ମାନଙ୍କ ଆତ୍ମ କେନ୍ଦ୍ରୀକ ସ୍ୱଭାବ ଓ "ଦଳ ବଦଳ" ଭଳି ଅସାଧୁ ଉପାୟ ହାସଲ ହିଁ ଅନେକ ସମୟରେ ରାଜନୀତି ରେ ଅସ୍ଥିରତା ସୃଷ୍ଟି କରୁଛି, ଯେଉଁଥିରେ କେବଳ ସାଧାରଣ ଜନତା ଅବହେଳିତ ହେଉଛନ୍ତି । ଅପରପକ୍ଷେ ନେତା ମାନେ ଜନତା ଙ୍କୁ ସେବା ଦେବା ରେ ସମ୍ପୂର୍ଣ୍ଣ ବିଫଳ ହେଉଛନ୍ତି । ରାଜନୈତିକ ଦଳ ମଧ୍ୟରେ ରେ କାଦୁଅ ଫିଙ୍ଗା ରାଜନୀତି ରେ ବଳିପଡୁଛନ୍ତି ସାଧାରଣ ଜନତା, ଯାହା ଆମ ଶାସନ ବ୍ୟବସ୍ଥା ଓ ସ୍ୱାଧୀନତାର ପ୍ରକୃତ ଆଭିମୁଖ୍ୟ ନୁହେଁ । ଏବେବି ପ୍ରକୃତ ଉପଭୋକ୍ତା ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି, ତେବେ ପ୍ରଶ୍ନ ଉଠୁଛି ସ୍ୱାଧୀନତା ର ମୂଲ୍ୟବୋଧ କୁ ଆମେ କେତେ ବୁଝିପାରିଛେ ? । ସବୁଠାରୁ ବଡ କଥା ହେଉଛି ବିଶ୍ୱରେ ଅନ୍ୟ ଦେଶ ଅପେକ୍ଷା ଆମ ଦେଶରେ ଯୁବଗୋଷ୍ଠୀ ଙ୍କ ସାଂଖ୍ୟ ସବୁଠାରୁ ଅଧିକ, କିନ୍ତୁ ମାନବ ସମ୍ବଳ ର ଫାଇଦା ବା ପ୍ରକୃତ ମୂଲ୍ୟକୁ ଦେଶ ପ୍ରଗତି ରେ ସମ୍ପୂର୍ଣ୍ଣ ବିନିଯୋଗ କରିବାରେ ଆମେ ସମ୍ପୂର୍ଣ୍ଣ ବିଫଳ ହେଉଛୁ । ବର୍ତ୍ତମାନ କୃତିମ ବୁଦ୍ଧିମତ୍ତା ଆଦି ଜ୍ଞାନ କୌଶଳ ଆଗାମୀ ଦିନରେ "ଚାକିରି ବା ନିଯୁକ୍ତି " ର ସଂଜ୍ଞା ବଦଳାଇଦେବ। ଏଥିରେ ପରିବର୍ତ୍ତନ ଆଣିବାକୁ ହେଲେ, ସାଧାରଣ ଶିକ୍ଷା ସହିତ ଧନ୍ଦାମୂଳକ ଶିକ୍ଷା ଓ ତାଲିମ୍ କ୍ଷେତ୍ରରେ ରେ ଆମକୁ ବୈପ୍ଲବିକ ପରିବର୍ତ୍ତନ ଆଣିବାକୁ ପଡିବ ଯାହା ଯୁବପିଢ଼ି ଙ୍କୁ କୁଶଳ ହେବାରେ ପ୍ରୋତ୍ସାହିତ କରିବା ସହିତ ଆତ୍ମ ନିର୍ଭରଶୀଳ କରି ପାରିବ କ୍ଷ ଫଳସ୍ୱରୂପ ସେମାନଙ୍କ ମୁଣ୍ଡ ପିଛା ଆୟ ରେ ଉନ୍ନତି ଆଣିବା ସହିତ ଘରୋଇ ଉତ୍ପାଦନ ବୃଦ୍ଧି କରିବାରେ ସହାୟକ ହେବ ଯାହା ଦେଶର ଅର୍ଥନୀତି କୁ ଅଧିକ ତ୍ୱରାନ୍ୱିତ କରିପାରିବ ଏଥିରେ ସନ୍ଦେହ ନାହିଁ । ସେହିପରି ପ୍ରଶ୍ନପତ୍ର ଲିକ୍, ନିଯୁକ୍ତି ପରୀକ୍ଷା ଅସଙ୍ଗତି ସହ ଡାକ୍ତରୀ ପ୍ରବେଶିକା ପରୀକ୍ଷା ବ୍ୟବସ୍ଥା ରେ ନୂତନ ସଂସ୍କାର ନଆସିଲେ ଆଗାମୀ ଦିନରେ ଅନେକ ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ପୁଷ୍ଟ ଦୁର୍ବିସହ ହୋଇପଡିବ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ରେ ସେମିତି କିଛି ଆଖିଦୃଶିଆ ସଫଳତା ହାସଲ ହୋଇ ପାରିନାହିଁ, ଆମକୁ ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ପଡିବ। ସେହିପରି ସୌରଶକ୍ତି, ବାୟୁ ଶକ୍ତି, ସାମୁଦ୍ରିକଉତ୍ସ ର ସୁବିନିଯୋଗ ପ୍ରଗତି ପଥକୁ ନୂଆ ଦିଶା ଦେଖାଇବା ସହିତ ସାମଗ୍ରିକ ବିକାଶ ହିଁ ବର୍ତ୍ତମାନ ସମୟ ର ଆହ୍ୱାନ। ଅନ୍ୟପକ୍ଷରେ ବାୟୁ ପ୍ରଦୂଷଣ ସାଙ୍ଗକୁ ଜଳବାୟୁ ର ଅନିୟମିତତା ଓ ଅହେତୁକ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ସତର୍କ ଘଣ୍ଟି ବୋଲି ସାବ୍ୟସ୍ତ ହୋଇଛି। ଭାରତ ଭଳି ବିଶାଳ ଦେଶରେ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ ଯତ୍ନବାନ୍ ହୋଇ "ବୃକ୍ଷ ରୋପଣ ବା ସବୁଜ ବିପ୍ଳବ ସୃଷ୍ଟି " କୁ ଏକ ମୌଳିକ ଦାୟିତ୍ୱ ରୂପେ ନିର୍ବାହ କରିପାରିଲେ, ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ଅକ୍ଲେଶରେ ଟାଳି ପାରିବା । ଚାଲନ୍ତୁ ଆମେ ଏହି ମହାନ ସ୍ୱାଧୀନତା ଦିବସ ରେ ଜଣେ ଜଣେ ସ୍ୱାଧୀନ ଭାରତ ନାଗରିକ ଭାବେ ସମାଜ ତଥା ଦେଶରେ ଘଟୁଥିବା ସମସ୍ୟା କୁ ସମାଧାନ କରିବା ପାଇଁ ବଜ୍ର ଶପଥ ନେବା। ଶେଷରେ କହିବା ସମସ୍ୟା ଆମର ଓ ସମାଧାନ ଆମର। ଜୟ ହିନ୍ଦ୍ , ଭାରତ ମାତ କି ଜୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ଦେଶର ବେଶ...

**ସୁଜିତ୍ କୁମାର ମିଶ୍ର**

ଏ ଭୂଖଣ୍ଡ ଆମର ଚିତ୍କାର ଭିତରେ
ଗୋଟିଏ ପ୍ରଶ୍ନରେ ଆମେ ସଭିଏଁ
ନୁହେଁ କି ଚିତ୍‌ପଟାଙ୍ଗ ?

ଯଶ ପାଇଁ ଦେଶ ନା
ଦେଶ ପାଇଁ ଯଶ ?
ଇଏ ଏକ ମନ ଗହନରେ ଲୁଚି ରହିଥିବା
ପ୍ରଶ୍ନ ଅଥବା ରହସ୍ୟ ।

ପ୍ରଶ୍ନ ଓ ରହସ୍ୟ ଭିତରେ ନାକାବନ୍ଦୀ
ଦେଶ, ଲହୁଲୁହାଣ ଗହୀରରୁ,
ମହଣ ମହଣ ସ୍ୱପ୍ନ ଅପହୃତ,
ମୁଣ୍ଡ ଟେକିଛନ୍ତି କଳା ପାହାଡ଼,
ମାମୁଦ, ମିରଜାଫର, ମହମ୍ମଦ ଘୋରୀ
ମୁଖା ଭିତରେ ଅନ୍ତରଙ୍ଗ ସଖା,
ବିକାଶର ଧାରାକୁ ଅନବରତ ଗଣ ଧର୍ଷଣ,
ବେଶ ଭିତରେ ବିଷ,
କିଏ ଅଛି ମେଣ୍ଟାଇବ ଦେଶର
ସରାଗ ଶୋଷ ?

ଦେଶର ଦେହ ଉଜ୍ଜ୍ୱଳ ହୁଏ
ପନ୍ଦର ଅଗଷ୍ଟ, ଛବିଶ ଜାନୁଆରୀ,
ଅକ୍ଟୋବର ଦୁଇ ଇତ୍ୟାଦି ଇତ୍ୟାଦି ଦିନ,
ଫଟା କାନ୍ଥରେ ଚକଚକ ରଙ୍ଗ,
ଜନପଥ ସୁଖଦ ଆବରଣ,
ବଳକା ଦିନେ ମାନସିକତାର ଛୁରୀରେ ସୀମାରେଖା ନିର୍ଦ୍ଧାରଣ,
କିନ୍ତୁ ଏ ଦେଶ କାହିଁ କେତେ କାଳୁ
ତ ଏ ଦେହ ପାଇଁ ଦାତା ଓ ଦାନ ।

ଏ ଦେଶ କଣ ନୁହେଁ ମଣିପୁରର
ଅବା ମହନୀୟାଙ୍କ,
ତେବେ ବିବସନା କାହିଁକି ମହାଭାରତର
ଦ୍ରୌପଦୀ ପରି,
କାହିଁକି ମହୁଘର ଜଉଘର ?
କୁଆଡେ ଗଲା ସେ ଦ୍ରୋହର ଦ୍ରାକ୍ଷାରସ,
କୁଆଡେ ଗଲେ ସୋଦର ଓ ସୁଦର୍ଶନ ?
କିଏ ଦେବ କୋଟିବସ୍ତ୍ର ?
ଦେଶ କଣ ସ୍ୱାଧୀନତା ଦିବସ
ପାଳନ କରୁଥିବା ବେଳେ
ଏମିତି ସାଜୁଥିବ ଉଲଗ୍ନ ଭିକାରୁଣୀ ପରି
ଅସରନ୍ତି ଉପହସିତ କ୍ଷେତ୍ର ?

ଦେଶ ଏବେ ତ ଅଦଳବଦଳ
ଓ ଦଳବଦଳର ଗନ୍ତାଘର ।

ସଭାଗୃହରେ ଆସ୍ଥା ପ୍ରସ୍ତାବ ପ୍ରମାଣ ପରି
ଆଉ କେତେଦିନ ପ୍ରମାଣ ହେଉଥିବ ଏଠି
ସେମାନଙ୍କ ସ୍ୱର୍ଣ୍ଣିମ ସ୍ୱାଧୀନତା,
ଏ କେଉଁ ସ୍ୱାର୍ଥ ମୁଣ୍ଡ ଟେକିଛି
ବିଷଧର ସାପପରି ଚାରିପଟେ,
ଶ୍ରାବଣ ପରି ପାଟିରୁ ବର୍ଷେ
ନିତି ଇଂରାଜୀ ଓ ଓଡ଼ିଆ ମିଶ୍ରିତ ଭାଷଣ,
ମହୋତ୍ସବ ସରେ
ତାପରେ କିଏ କେଜାଣି ସେଇ ଗାନ୍ଧୀ
ଟୋପିଧାରୀଙ୍କୁ କରେ ଅପହରଣ ?
ତଥାପି ପରଦିନ ନିର୍ଭିକ ନିରପେକ୍ଷ
କାଗଜପତ୍ରରେ ଝରୁଥାଏ
ସେମାନଙ୍କ ପ୍ରୀତିର ରସ ।

ସ୍ୱତନ୍ତ୍ରତାର ମୂଳମନ୍ତ୍ର ଏଠି
ଯନ୍ତ୍ରର କବ୍‌ଜାରେ,
ମାଟିର ଯନ୍ତ୍ରଣା ରକ୍ତାକ୍ତ,
ଆଖି, କାନ, ପାଟି ଅସୁରକ୍ଷିତ,
ନୀରବତାର ସ୍ରୋତ,
ସଂଖ୍ୟାର ଖେଳରେ ସ୍ୱାଧୀନତା
ଆମ ଗହଣରେ ମୃତ,
ଆଉ କେତେକାଳ ଆମଗଡା
ଏ ମହାକାଳ ଫଳ ରହିବ ଜୀବନ୍ତ ?

ସେମାନଙ୍କ ଆହତ ପ୍ରାଣର ଚବିଶ ଘଣ୍ଟା ଠକଠକରେ
ତିଆରି ହେଲା ଦେଶର ବେଶ,
ସେମାନେ ହେଲେ ଅପହୃତ ତମାମ୍ ବରଷ,
ଏଇ ଗୋଟିଏ ଦିନରେ ମାତ୍ର ଲେଖାଯାଏ ଏଠି
ପ୍ରେମର ଆୟୁଷ ।

କେବେ ବହିବା ବନ୍ଦ ହେବ
ଚିଲ, ଶାଗୁଣା, ବୌଦ୍ଧିକ ଶଠଙ୍କ କଳାରକ୍ତ ?
କେବେ ଲହୁଲୁହର ଦୁଇଧାରେ
ଅନ୍ତର ହେବ ମାଟି ପାଇଁ ଶ୍ରାବଣ ସିକ୍ତ ?

ଛାତି ହେଉ ପ୍ରଶ୍ନର ପାହାଡ଼,
ଅନୁତାପର ଅଶ୍ରୁବନ,
ଭୋଗବାଦକୁ ହତ୍ୟା କରି
ବହୁ ଏଠି ଯୁଗ ଯୁଗ ଧରି
ଏକତାବାଦର ମୃଦୁ ସମୀରଣ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ଦେଶ ମୋ ଭାରତ

**କୈଳାସ ଚନ୍ଦ୍ର ସାହାଣୀ**

ଯାତନାର ଜଉଘରୁ, ମୁକୁଳିତ 'ଦେଶ ମୋ ଭାରତ',
ଜୀବନର ସଂଗ୍ରାମରେ, ବୋହିଗଲା ଯାହାର ଶୋଣିତ ।
କଷାଘାତ କଳାପାଣି, ଗଲେ ଫାଶୀ ଗୁଳି ଚୋଟ ସହି,
ସ୍ୱାଧୀନତା ଆଣିଥିଲେ, ଯେଉଁ ବୀର ଚିର ପୂଜ୍ୟ ସେହି ।।

ଲୁହାର ଝଞ୍ଜିର ଫିଙ୍ଗି, ଭାଙ୍ଗି ରୁଦ୍ଧ ଅନ୍ଧକାର କାରା,
କ୍ରାନ୍ତିର ବାରତା ନେଇ, ଯିଏ ଗଲେ ବଣ ଭୂଇଁ ସାରା ।
ଉତ୍ତାଳ ତରଙ୍ଗ ମାଳା, ଭୀମ ରୌଦ୍ର ବିପ୍ଳବ ସାଗର,
ଦାସତ୍ୱ ଶୃଙ୍ଖଳ ତଳେ, ଜଳେ ଲାଭା ନବୀନ ବିଚାର ।।

କୋଟି କୋଟି ଦେଶ ପ୍ରାଣ, ସମର୍ପଣ ଏକ ଯଜ୍ଞାନଳେ,
ସ୍ୱାର୍ଥ ହୀନ, ତ୍ୟାଗ ମନ୍ତ୍ର, ଜପ ତପ ସଦା ମହୀ ତଳେ ।
ଫିରିଙ୍ଗି ଶାସନ ଗଲା, ଦେଶ ମୋର ହୋଇଲା ସ୍ୱାଧୀନ,
ଅଗଷ୍ଟ ପନ୍ଦର ଗାଥା, ଚିର ଦିନ ରହିବ ଅମ୍ଳାନ ।।

ତ୍ରିରଙ୍ଗା ପତାକା ଉଡେ, ପୁର ପଲ୍ଲୀ ସହର ନଗରେ,
ଏଇ ମୋର ଜାତୀୟତା, ମଥାନତ ପ୍ରଣିପାତ କରେ ।

*ଲକ୍ଷ୍ମୀନଗର, ବଡବିଲ, କେନ୍ଦୁଝର-୭୫୮୦୩୬*
*ମୋ-୯୪୩୭୮୪୩୨୧୯*

## 'ଭାରତ ମାଆର ହେଉ ଜୟ'



**ସତ୍ୟବ୍ରତ ସାହୁ**

ସ୍ୱାଧୀନତାର ବାର୍ତ୍ତା କହି କହି ଆସିଅଛି ଅଗଷ୍ଟ ପନ୍ଦର,
ଭାରତ ମାତାର ଶିରେ ଉଡୁଅଛି ତ୍ରିରଙ୍ଗା ପତାକା ଫର ଫର । (୧)
ବଣିକ କରିବା ଛଳରେ ଇଂରେଜ ଆମକୁ କରିଲେ ପରାଧୀନ,
ହିଂସା, ଆତ୍ୟାଚାରେ ଆମକୁ ଶୋଷିଲେ କରିଲେ ଆମକୁ ହୀନିମାନ । (୨)
କରିବେ ସ୍ୱାଧୀନ ମା'କୁ ଆମର ଛଡାଇ ଶୃଙ୍ଖଳ ପରାଧୀନ,
ଜନମିଲେ କେତେ ମହାପୁରୁଷ ଓ କେତେ ଦେଲେ ପୁଣି ବଳିଦାନ । (୩)
ପିଠିରେ ସହିଲେ ଚାବୁକ ପାହାର ଛାତି ଦେଖାଇଲେ ଗୁଳି ଆଗେ,
ଦେଶକୁ ସ୍ୱାଧୀନ କରିବା ପାଇଁକି ପ୍ରୟାସ କରିଲେ ବେଗେ ବେଗେ ।(୪)
କେତେ ଯେ ସଂଗ୍ରାମୀ ଜେଲ୍ ଭୋଗିଲେ କେତେ ସହିନେଲେ ମୃତ୍ୟୁଦଣ୍ଡ,
ତଥାପି ମଲାନି ସ୍ୱାଧୀନତା ସ୍ୱପ୍ନ ଭାଙ୍ଗିଲାନି ବୀର ମେରୁଦଣ୍ଡ । (୫)
ଶେଷରେ ଗାନ୍ଧିଜୀ ମଙ୍ଗ ସମ୍ଭାଳିଲେ ମନ୍ତ୍ର କରି ଅହିଂସାର ନୀତି,
ଆମ ଦେଶ ଛାଡ଼ି ଚାଲି ଯିବା ପାଇଁ ବାଟ ଖୋଜି ହେଲା ଗୋରି ଜାତି । (୬)
ଉଣେଇଶ' ସତଚାଳିଶ ଅଗଷ୍ଟ ପନ୍ଦର ଦେଶ ଭାର ଆମ ହାତେ ଦେଇ,
ଚାଲିଗଲା ସେହି ବଣିକ ଜାତି ସାତ ସମୁଦର ପାର ହୋଇ । (୭)
ଆସିଛିରେ ଆଜି ସେହି ଶୁଭ ଦିନ ଦେଶ ସ୍ୱାଧୀନତା ବାର୍ତ୍ତା ନେଇ,
ଆସ ଉଡ଼ାଇବା ଜାତୀୟ ପତାକା ଶାନ୍ତି, ମୈତ୍ରୀ, ପ୍ରେମ ଗୀତ ଗାଇ । (୮)
ଭାରତ ମାଆର ସନ୍ତାନ ଆମେ ପରିଚୟ ଆମ ଭାରତୀୟ,
ଗୋଟିଏ ସ୍ୱରରେ ଗାଇବା ସଭିଏଁ ଭାରତ ମାଆର ହେଉ ଜୟ । (୯)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬*
*ମୋ- ୮୯୧୭୨୭୩୫୪୫*

## ଶ୍ରାବଣ, ସ୍ୱାଧୀନତା ଓ ତୁମେ

**ଡ. ସନ୍ତୋଷ କୁମାର ପଣ୍ଡା**

ଶ୍ରାବଣୀ ଗୋ...
ଆକାଶରୁ ଝରୁଥିବା ଶ୍ରାବଣର ସ୍ୱର,
ଅଗଷ୍ଟ ପନ୍ଦରର ସ୍ୱାଧୀନ ଶିହର,
ତୁମ ଆଉ ମୋ ଭିତରେ...
ଏକ ନିବିଡ଼, ଅବୋଧ ଅନୁରାଗର ସାକ୍ଷୀ ।
ଯିଏ ଯାହା କହୁ ପଛେ, ଯିଏ ଯାହା ଭାବୁ,
ସମ୍ପର୍କର ନାଁ ନେଇ ଯେତେ ଚର୍ଚ୍ଚା ଚାଲୁ...
ଶ୍ରାବଣୀ ଗୋ,
ବର୍ଷା ତ କେବେ କିଛି କହିନି !



ସେ ତ କେବଳ ଝରିପଡ଼ିଛି ନିଃଶବ୍ଦରେ
ମାଟିର ଓଦା ଓଠରେ
ନିଜର ସବୁତକ ପ୍ରେମ ଢାଳିଦେଇ ।
ଅଗଷ୍ଟର ଏହି ସ୍ୱାଧୀନ ପବନରେ
ଶ୍ରାବଣର କଳାମେଘ ଯେବେ ଉଡ଼ିଆସେ,
ତୁମ ଭାବନାରେ ମୋ ମନ ସେମିତି ସ୍ୱାଧୀନ ହୋଇଯାଏ ।
ନା କୌଣସି ବନ୍ଧନର ଭୟ,
ନା କୌଣସି ଲୋକଲଜ୍ଜାର କ୍ଳେଶ ।
ସେହିପରି ଆସୁଅଛି ପ୍ରତିବର୍ଷ
ଏ ଶ୍ରାବଣ, ଏ ବର୍ଷା, ଆଉ ଏ ଅଗଷ୍ଟ...
ମନେପକାଇ ଦେବାକୁ
ଯେ ସତ୍ୟ ପ୍ରେମ କାହାରି କୈଫିୟତ୍ ଖୋଜେନି ।
ନିଜ ନିୟମରେ ଝରେ,
ନିଜ ତାଳରେ ଭିଜାଏ,
ଆଉ ତୁମ ମୋ ଭିତରେ
ଏକ ମହକିଲା ଅପୂର୍ଣ୍ଣ ପ୍ରେମକାବ୍ୟ ଲେଖିଦେଇଯାଏ ।

*କଟକ*

## ତ୍ରିରଙ୍ଗା ତଳେ ସ୍ୱାଧୀନତା

**କୁମାର ଭାର୍ଜନ**

ଆଜି ଆକାଶର ଛାତିରେ
ତ୍ରିରଙ୍ଗା ହସୁଛି,
ପବନର ପ୍ରତିଟି ଝଟ୍‌କାରେ
ଭାରତ ମାଆ ଗାଉଛି ।
ଏ ମାଟିର ପ୍ରତି କଣିକାରେ
ସଂଗ୍ରାମର କାହାଣୀ,
ରକ୍ତରେ ଲେଖା ଇତିହାସ
ବୀରଙ୍କ ଅମର ବାଣୀ ।
କେତେ ଆଖିର ସ୍ୱପ୍ନ ଥିଲା,
କେତେ ହୃଦୟର ଆଶା,
ସ୍ୱାଧୀନତା ପାଇଁ ଦେଇଗଲେ
ଜୀବନର ଶେଷ ନିଶ୍ୱାସ ।
ସେଇ ତ୍ୟାଗର ମୂଲ୍ୟ କଣ
ଭୁଲି ପାରିବୁ ଆମେ ?
ସେଇ ବୀରଙ୍କ ସ୍ୱପ୍ନ ନେଇ
ଆଗେ ବଢ଼ିବୁ ଆମେ ।
ତ୍ରିରଙ୍ଗା କେବଳ ପତାକା ନୁହେଁ,
ଏ ଆମ ଗର୍ବର ଗାଥା,
ଏ ମାଟି, ଏ ଦେଶ, ଏ ମଣିଷ
ଆମ ଜୀବନର ପ୍ରଥା ।
ଜାତି-ଧର୍ମର ଭେଦ ଭୁଲି
ହାତେ ହାତ ଧରିବା,
ଭାରତ ମାଆର ମର୍ଯ୍ୟାଦା ପାଇଁ
ସତ୍ୟର ପଥେ ଚାଲିବା ।
ଆଜି ଶପଥ ନେବା ସଭିଏଁ-
ଦେଶକୁ ଭଲ ପାଇବା,
ସ୍ୱାଧୀନତାର ଏହି ଅମୂଲ୍ୟ ମାଟି
ସଦା ସୁରକ୍ଷିତ ରଖିବା ।
ତ୍ରିରଙ୍ଗା ଉଡୁ ଆକାଶେ,
ଗୁଞ୍ଜରିତ ହେଉ ଏକ ସ୍ୱର-
"ବନ୍ଦେ ମାତରମ୍... ଜୟ ହିନ୍ଦ୍ !"
ଭାରତ ହେଉ ଅମର ।

*ଖଟଖଟିଆ, ବୌଦ୍ଧ*
*ମୋ-୯୪୩୭୫୮୬୫୩୨*

## ଗଣତନ୍ତ୍ରର ସାୟେରୀ

**ଦେବାଶିଷ ଚକ୍ରବର୍ତ୍ତୀ**

**ଦେଶ**
ଦେଶ କହିଲେ କି ବୁଝାଯାଏ ଖାଲି
ପାହାଡ, ଖାଦାନ, ନଈ, କେଦାର
ଲାଭ କଣ ଯଦି ମଣିଷର କଥା
ହୋଇଯାଇଅଛି ଯଦି ପାସୋର ।

**ତ୍ରିରଙ୍ଗା**
ତ୍ରିରଙ୍ଗାକୁ ତୁମେ ମନେ କରୁଛ କି
ଏହା ଖଣ୍ଡେ ତିନି ରଙ୍ଗିଆ କନା
ଏହାଠୁଁ ପବିତ୍ର ଅଟେ କି ସତରେ
ଶିରି ମନ୍ଦିରେ ଯେ ଉଡୁଛି ବାନା ?

**କପୋତ**
ଦେଶେ ଯଦି ଶାନ୍ତି ବିରାଜୁ ଥାଆନ୍ତା
ଆକାଶେ କପୋତ ଦେଲେ ଉଡ଼େଇ
ଜାତି ଧରମର ବିଷରେ ସତରେ
ଜର୍ଜର ହେଉଛୁ ତେବେ କିମ୍ପାଇଁ ?

**ସିଂହାସନ**
କୂଟ କପଟରେ ମିଳି ଯାଇପରେ
ହୁଏତ କ୍ଷମତା ସିଂହାସନ
ହୃଦୟ କୁଞ୍ଜରେ ଥାନ କି ମିଳିବ
ନଥିଲେ ନିରୁତା ଆପଣାପଣ ?

**ବନ୍ଦେ ମାତରଂ**
ବନ୍ଦେ ମାତରଂ କହିବା ପାଇଁ କି
କୁଣ୍ଠା ରହିଛି ମନେ ଯାହାର
ଭାରତୀୟ ବୋଲି ମଣିବା ପାଇଁକି
ଅଛି କି ସତରେ ତା ଅଧିକାର ?

*ମଣ୍ଡୁଆ,କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*

## ଗରବେ କହିବା ଆମେ ଭାରତୀୟ

**ଶ୍ୟାମା ପ୍ରସାଦ ମିଶ୍ର**



ପଚାରିଲା ଦିନେ କୁନା ତା ବାପାଙ୍କୁ, 'ଭାରତୀୟ ପୁଣି କିସ ?
ସଭିଏଁ କହନ୍ତି ସବୁଠାରୁ ଭଲ ଆମ ଏ ଭାରତ ବର୍ଷ' ।୧
ବାପା ତା କହିଲେ, 'ପୁରାଣ ବର୍ଣ୍ଣିତ ଭରତ ରାଜାଙ୍କ ନାମେ,
ଏ ଦେଶର ନାମ ହୋଇଛି ଭାରତ ପୁରା ଯୁଗୁଁ ଧରା ଧାମେ ।୨
ଭା'ରେ ରତ ସଦା ଏ ପୁଣ୍ୟ ପୀଠର ସମସ୍ତ ଯେ ନରନାରୀ,
ଆପଣା ପ୍ରଜ୍ଞା ଓ ପ୍ରକୃତି ବଳରେ ହୋଇଛନ୍ତି ତପଚାରୀ ।୩
ଅର୍ଜିତ ଜ୍ଞାନର ମହକକୁ ସଦା କରି କରି ବିତରଣ,
ବାଲ୍ମୀକି ବ୍ୟାସ ଓ ବଶିଷ୍ଠ ବିଦୁର ପତଞ୍ଜଳି ମୁନି ପୁଣ ।୪
ବିଶ୍ୱ ସୃଷ୍ଟି କେବେ ହୋଇଛି କିପରି, ବର୍ଣ୍ଣନା ମିଳେ ବେଦରେ,
ବେଦାନ୍ତ ବିଶ୍ୱର ଜ୍ଞାନର ଭଣ୍ଡାର ସବୁ ବଖାଣେ ସତରେ ।୫
ବିଶ୍ୱର ପ୍ରଥମ ଗ୍ରନ୍ଥ ଯାହା ବର୍ଣ୍ଣେ ସାହିତ୍ୟଠୁଁ ବିଜ୍ଞାନର,
ମଣିଷ ଜୀବନ ସରସ ସୁନ୍ଦର କିପରି ହୋଇବ ପାର ।୬
ବିଶ୍ୱକୁ ଆପଣା ଜ୍ଞାନ ବାଣ୍ଟିବାକୁ ଭାରତ ମନିଷୀଗଣ,
ପରଠୁଁ ଆପଣା ନିଜର ଜ୍ଞାନରେ କଲେ ବିଶ୍ୱକୁ ନିପୁଣ ।୭
ବିଶ୍ୱ ଗୁରୁ ହେଲେ ଭାରତୀୟମାନେ ବିଶ୍ୱ ଜନ ଚେତନାରେ,
ଭାରତର ଧାରା ସମଗ୍ର ଧରାରେ ପ୍ଲାବିତ ହେଲା ସତ୍ୱରେ' ।୮
କୁନା କହୁଥିଲା, 'ବୁଝିଗଲି ଆଜି ଭାରତ କେତେ ମହାନ,
ଗରବେ କହିବା ଆମେ ଭାରତୀୟ, ଊଣା କରିବାନି ମନ' ।୯

*ଶିକ୍ଷକ, ପିଏମ୍‌ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ*
*ଭ୍ରାମ୍ୟଭାଷ- ୯୦୯୦୫୦୭୯୫୫*

## ସ୍ୱାଧୀନତାର ସୁନେଲି ପ୍ରଭାତ

**ରମାକାନ୍ତ ଦାସ**

ପୁଣ୍ୟ ପ୍ରଭାତର ସୁନେଲି ଖରାରେ
ହସେ ଆଜି ଭାରତର ମାଟି,
ସ୍ୱାଧୀନତାର ଏ ପବିତ୍ର ଉତ୍ସବେ
ଆନନ୍ଦର ସୁଅ ଯାଏ ଛୁଟି ॥

ନୀଳ ଆକାଶରେ ଉଡୁଛି ତ୍ରିରଙ୍ଗା,
ଆମ ଗର୍ବ ଆଉ ଅହଂକାର,
ବୀର ସହିଦଙ୍କ ରକ୍ତରେ ଲେଖା ଯେ
ସ୍ୱାଧୀନତାର ଏ ଜୟକାର ॥

ହିମାଳୟ ଠାରୁ କୁମାରୀକା ଯାଏଁ
ଝଙ୍କୃତ ଆଜି ଯେ ଏକା ସୁରେ,



'ବନ୍ଦେ ମାତରମ୍' ଅମୃତ ଲହରୀ
ଖେଳିଯାଏ ସବୁ ପ୍ରାଣ-ପୁରେ ॥

ଅମର ଶହୀଦ ତ୍ୟାଗ-ବଳିଦାନେ
ତୀର୍ଥ ପାଲଟିଛି ଏହି ଧରା,
ତୋ' ଗୌରବ ପାଇଁ ଲଢ଼ିବୁ ଆମେ
ଆସୁ ପଛେ କେତେ ଝଡ଼-ଖରା ॥

କେଶରୀ, ଶ୍ୱେତ, ସବୁଜ ରଙ୍ଗରେ
ଲେଖା ଅଛି ବୀରଙ୍କ କାହାଣୀ,
ତ୍ରିରଙ୍ଗା ପତାକା ଉଡ଼ିଲେ ଆକାଶେ
ଗାଏ ସାରା ବିଶ୍ୱ ବାଣୀ ॥

ଆମ ମାଟି ପାଇଁ ଝରୁ ଏ ଜୀବନ,
ଦେଶ ଠାରୁ ବଳି କିଏ ଅଛି,
ତୋରି ଅଞ୍ଚଳରେ ଏ ସାରା ସଂସାର
ହସୁଛି ଆଉ ବଞ୍ଚୁଛି ॥

ହେ ମୋର ଜନନୀ, ହେ ମୋର ତ୍ରିରଙ୍ଗା,
ତୁହି ଆମ ସର୍ବସ୍ୱ ପ୍ରାଣ,
ତୋରି ପାଦ ତଳେ ସମର୍ପି ଦେଉଛୁ
ଆମର ଏ କ୍ଷୁଦ୍ର ଜୀବନ-ଦାନ ॥

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ-୯୬୬୮୮୧୫୩୬୯*

## ମୁକ୍ତ ଭାରତ ଗୀତି

**ସୁଧାକର ରାଉତ**

ସ୍ୱାଧୀନତା ଦିବସ ପରା ଆଜି
ଆସ ଦେଶ ପ୍ରେମେ ଯିବାଟି ଭିଜି ।
ଗାଇବା ସଦା ତାର ଜୟ ଗୀତି
ଭାରତୀୟ ବୋଲି ଫୁଲାଇ ଛାତି ।
ଜନ୍ମଭୂମି ଆମ ଶୃଙ୍ଖଳ ପିନ୍ଧି
ପରାଧିନେ ସେ ହେଉଥିଲା ରୁନ୍ଧି ।
ଲାଲ ବାଲ ପାଲ ଓ ଜବାହର
ବାପୁ, ନେତାଜୀ, ଗୋପ ଆଦି ବୀର
।
ପ୍ରାଣମୂର୍ଚ୍ଛା ସିଏ ସଂଗ୍ରାମ କରି
ଛିନ୍ନ କଲେ ପରାଧୀନତା ଡୋରୀ ।
ଧନ୍ୟ ସେ ଅହିଂସା ମନ୍ତ୍ରର ବାଣ
ଭାଙ୍ଗିଦେଲା ଫିରିଙ୍ଗିଙ୍କର ଟାଣ ।
ଭୟେ ଆମ ଦେଶୁ ଗଲେ ପଳେଇ
ଶାସନ ଡୋରୀ ଆମ ହାତେ ଦେଇ ।
ବୀର ସହିଦଙ୍କ ଗୌରବ ଗାଥା
ବଖାଣେ ତ୍ରିରଙ୍ଗା ଟେକିଣ ମଥା ।
ତାହାର ସମ୍ମାନ କରିବା ରକ୍ଷା
ଦେଶର ବିକାଶକୁ କରି ଦୀକ୍ଷା ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଝରଣାର ଆତ୍ମକଥା

**ମନୋରଞ୍ଜନ ଦାଶ**


ନିଘଞ୍ଚ ଜଙ୍ଗଲ ଭିତରେ କାହିଁ କୋଉ ଯୁଗରୁ
ମୁଁ ବହି ଆସୁଥିଲି ନିର୍ଭୟରେ...
ସକାଳୁ ପକ୍ଷୀଙ୍କ ରାବରେ ମୁଁ ଉଠୁଥିଲି,
ରାତିରେ ବାଘ୍ ହେନ୍ତାଳରେ ଡରି କି ଶୋଇଯାଇଥିଲି ...
ବର୍ଷ ବର୍ଷ ବିତିଗଲା ଅନ୍ୟ ଛୋଟ ଛୋଟ
ବର୍ଷାର ସ୍ରୋତ ଆସି ମୋ ସାଙ୍ଗରେ ମିଶିବାକୁ ଅଳି କଲେ,
ନିରୁପାୟ ହୋଇ ମୁଁ ରାଜି ହେଲି ...
ତା ଥିଲା ମୋ ଜୀବନର ସବୁଠାରୁ ଭୁଲ୍ ...
ଛୋଟିଆ ଝରଣାରୁ ମୁଁ ହେଇଗଲି ମହା ଶକ୍ତିଶାଳୀ
'ସୁନେଇ ନଦୀ' ...
ସୂର୍ଯ୍ୟଙ୍କ ପ୍ରଥମ ଆଲୋକ ମୋତେ ସୁନା ରଙ୍ଗ ଦେଉଥିବାରୁ
ମୋତେ ସମସ୍ତେ ଶ୍ରଦ୍ଧାରେ ଡାକିଲେ 'ସୁନେଇ'...
ଭୟରେ ମୋ ପାଖକୁ ଆଉ ପଶୁପକ୍ଷୀ ଆସିଲେନି,
ଘଡ଼ିଆଳଙ୍କ ଦୌରାତ୍ମ୍ୟରେ ଲୋକମାନେ ମଧ୍ୟ
ମୋ ପାଖକୁ ଆସିବାକୁ ଡରିଲେ ...
ବର୍ଷ ବର୍ଷ ବିତି ଗଲା ମୋ ବନ୍ୟାରେ ମୋତେ
ଭଲ ପାଉଥିବା ଲୋକମାନେ ସର୍ବସ୍ୱାନ୍ତ ହେଇଗଲେଣି ...
ମୋର ବିଶାଳ କାୟାକୁ ଦେଖି ମୋତେ ନିଜକୁ ଡର ଲାଗୁଛି...
ମୁଁ କାନ୍ଦୁଛି ଆଉ ଥରେ ଛୋଟିଆ ଝରଣାଟିଏ ହୋଇଯିବାକୁ...
କିନ୍ତୁ ତାହା ଆଉ ସମ୍ଭବ ନୁହେଁ ...
ଆକାଶ ମୋତେ ଦେଖି ବିଦ୍ରୁପ କରୁଛି ...
କଣ ଏବେ ଖୁସି ତ 'ସୁନେଇ' ...

*ୟୁନିଟ୍-୬, ଭୁବନେଶ୍ୱର*

## ଆଶାର ଆଲୋକ



ଅବନୀ ଚନ୍ଦ୍ର ଦାସ



କନ୍ଧମାଳର ଗହଳ ଜଙ୍ଗଲ ଭିତରେ ଗୋଟିଏ ନିରୀହ ଆଦିବାସୀ ପଲ୍ଲୀ । ସେଠାରେ ଜନ୍ମ ହୋଇଥିଲା ଆଶା । ପିଲାଟି ଦିନରୁ ପିତୃହରା । ଘରେ କେବଳ ବିଧବା ମାଆ ଆଉ ସାନ ଭଉଣୀ ନିଶା । ଖାଇବାକୁ ନଥିଲା । ଜଙ୍ଗଲରୁ ତୋଳି ଆଣିଥିବା ଆମ୍ବ ଆଉ କୋଇଲିରୁ ଖିରୀ କିମ୍ବା ଜାଉ ରାନ୍ଧି ସେମାନେ ପେଟ ଭରୁଥିଲେ । ଗଣ୍ଡେ ଖାଇ ଦଣ୍ଡେ ଜିଇଁବାର କଳା ଛୋଟ ବେଳୁ ଶିଖିଥିଲା ସେ । ଜାଗା ଜମି ନଥିଲା, ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ବି ନଥିଲା । ତଥାପି ଆଶା ସ୍କୁଲ ଯାଉଥିଲା । ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିଲା । ଆଗକୁ ପଢ଼ିବାକୁ ସମ୍ବଳ କି, ସୁଯୋଗ ନଥିଲା ।

ସେତିକି ବେଳେ ବିଧବା ମାଆ ମଧ୍ୟ ଘର ଛାଡ଼ି ଆଉ ଜଣଙ୍କୁ ଭଲ ପାଇ ବାହା ହୋଇଗଲା । ମାସକୁ ଥରେ ଆସେ, ଝିଅ ଦୁଇଟି କେମିତି ଅଛନ୍ତି ପଚାରେ, ଦ୍ୱିତୀୟ ବରକୁ କହି ଦୁଇ ମୁଠା ଚାଉଳ ଆଉ କିଛି ଟଙ୍କା ଦେଇ ଫେରିଯାଏ ।

କିଶୋରୀ ଆଶାର ମନ ବିଦ୍ରୋହ କରି ଉଠେ । 'ମୁଁ କାହିଁକି ଏମିତି ଗରିବ ପରିବାରେ ଜନ୍ମ ହେଲି ? ଜଙ୍ଗଲର ଏଇ ଜନପଦ କଣ ମୋ ଜୀବନର ଅସଲ ଠିକଣା ?' ଆଖିରେ ତାର ଆକାଶ ପରି ସ୍ୱପ୍ନ ଥିଲା, କିନ୍ତୁ ପାଦ ତଳେ ମାଟି ନଥିଲା ।

କିଛିଦିନ ଅନ୍ତେ ତା ଜୀବନକୁ ଆସିଲା ମୁକୁଳ । ଅନତି ଦୂରର ପଲ୍ଲୀର ପୁଅ । ସହରରେ ପଢ଼ିଛି, କେଉଁ ଗୋଟିଏ ସଂସ୍ଥାରେ ଚାକିରି କରେ, ଭଲ ଦୁଇ ପଇସା ରୋଜଗାର କରେ । କଳା ମଚମଚ ଚେହେରା ହେଲେବି ସୁନ୍ଦର ସୁଠାମ ଯୁବକ । ଢଳ ଢଳ ଆଖି, ଓଠରେ ହସ, କଥା ଭାରି ମିଠା, ଆଉ ବ୍ୟବହାର ବି ଭଲ ।

ଜଙ୍ଗଲୀ ଜନପଦରେ ବଢ଼ିଥିବା ଆଶା ଥିଲା ସୁନ୍ଦରୀ । ସାବନା ରଙ୍ଗର ଝିଅଟିଏ । ନିଟୋଳ ଯୌବନ ତା ଅଙ୍ଗେ ଅଙ୍ଗେ ଫୁଟି ଉଠୁଥିଲା । ମୁକୁଳର ମିଠା କଥା ଶୁଣି ଆଶାର ମନ ବଳିଲା । ପ୍ରତି ଶନିବାର ରାତିରେ ମୁକୁଳ ଗାଁକୁ ଆସେ । ପ୍ରକୃତିର ନିରୋଳା ପରିବେଶରେ ଦୁହେଁ ସ୍ୱପ୍ନ ଦେଖନ୍ତି । ଆଶା ସେଇ ଗୋଟିଏ ଦିନ ପାଇଁ ସପ୍ତାହ ସାରା ଅପେକ୍ଷା କରେ ।

କିଛି ଦିନ ପରେ ଆଶା ଗର୍ଭବତୀ ହେଲା । ସେ ଭାବିଲା, ଏବେ ଜୀବନ ବଦଳିଯିବ । କିନ୍ତୁ ହଠାତ୍ ତାଙ୍କ ପ୍ରେମର ପାରାବାରରେ ଭଟ୍ଟା ପଡ଼ିଗଲା । ମୁକୁଳର ଶନିବାର ଆସିବା ବନ୍ଦ ହୋଇଗଲା । କାରଣ ସେ ସହରରେ ଆଉ ଗୋଟିଏ ଝିଅ ସାଥିରେ ରହୁଥିଲା । ୯ ମାସ ପରେ ଯେତେବେଳେ ଛୁଆଟିଏ ଜନ୍ମ ହେଲା, ମୁକୁଳ ସଫା ମନା କରିଦେଲା । କହିଲା- 'ମୁଁ ତୋତେ ଜାଣେ ନାହିଁ । ଏ ଛୁଆ ବି ମୋର ନୁହେଁ ।' ଆଶାର ସବୁ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଗଲା । କୋଳରେ କଅଁଳ ନିଷ୍ପାପ ଶିଶୁ, ମନରେ ଅସହ୍ୟ ବେଦନା । ସରାଗ ସୁହାଗ ସବୁ ମରିଗଲା । କିନ୍ତୁ ଆଶା ମରିଲା ନାହିଁ ।

ବେଦନାର ବୋଝ ବୋହି ଆଶା ସେଦିନ ସେହି ଜଙ୍ଗଲୀ ଜନପଦରୁ ବାହାରି ଆସିଲା । କାଖରେ କୁନି ପୁଅକୁ ଧରି ସେ ରାଜଧାନୀ ଆସିଲା । ରାଜରାସ୍ତା କଡ଼ରେ ଗଢ଼ି ଉଠୁଥିବା ଗୋଟିଏ ଉଚ୍ଚ ଅଟ୍ଟାଳିକା ଆଗରେ ଅଟକିଗଲା । ମାଲିକଙ୍କୁ ଗୁହାରି କଲା- 'ମୁଁ ଜୀବନର ରାହା ଖୋଜିବାକୁ ଆସିଛି, ମୋର କେହିନାହିଁ । କିଛି କାମ ମିଳିଲେ ପେଟ ପୋଷନ୍ତି, ଆଉ ଛୁଆଟିକୁ ପାଳନ୍ତି ।' ଯାହାହେଉ, ମିଳିଗଲା ତାକୁ ପରିଚାରିକା କାମ ।

ପରେ ସେ ସରକାରୀ ଜାଗାରେ ଗୋଟିଏ ଝୁମ୍ପୁଡ଼ି ବାନ୍ଧିଲା । ଚାକିରିସ୍ଥଳରୁ ୧ କି.ମି. ଦୂର । ଚାଲି ଚାଲି ଯିବା ଆସିବା କରେ । ପୁଅକୁ ସ୍କୁଲ ପଠାଏ । କେତେ ଲୋକ ସାହାଯ୍ୟ କରିବା ବାହାନାରେ ତା ଦେହ ଉପରେ ନଜର ପକାଇଲେ । ଦେହରେ ଲହରୀ ଭାଙ୍ଗୁଥିବା ଯୌବନ ପାଇଁ କେତେ କଥା ଶୁଣିବାକୁ ପଡ଼ିଲା ତାକୁ । କିନ୍ତୁ ସେ ଆଶା ହାରିଲାନାହିଁ । ସେ ପୁଅକୁ ମଣିଷ କଲା, ଶିକ୍ଷା ଦେଲା, ସଂସ୍କାର ଦେଲା । ସାନ ଭଉଣୀ ନିଶାକୁ ଗାଁ ପାଖର ଜଣେ କର୍ମଠ ଯୁବକ ସହ ବାହାକରାଇଲା । କାହା ପାଖରେ ଆଉ ହାତ ପାତିଲାନାହିଁ । ନର୍ସିଂ ଟ୍ରେନିଂ ନେଇ ଆଜି ସେ ସହରର ଗୋଟିଏ ନାମୀ ହସ୍ପିଟାଲ୍‌ରେ ସେବିକା ହୋଇ କାମ କରୁଛି ।

ଜଙ୍ଗଲର ସେଇ ଅଖ୍ୟାତ ପଲ୍ଲୀରୁ ଆସିଥିବା ଅନାଥ ଅନୁଢ଼ା କନ୍ୟା 'ଆଶା' ଆଜି ୪୫ ବର୍ଷର ପ୍ରୌଢ଼ା । ରହୁଛି ରାଜଧାନୀରେ ପୁଅ ସାଥିରେ । ସେ ନିଜେ ନିଜର ପରିଚୟ ସୃଷ୍ଟି କରିପାରିଛି । ତାର ନାଁ ଯେମିତି, ଜୀବନରେ ବି ସେ ଆଶାର ଆଲୋକ ଜାଳିଛି । ଜଙ୍ଗଲର ଜନପଦରେ ସେ ଜନ୍ମ ନେଇଥିଲା ସତ, କିନ୍ତୁ ସହରରେ ଜୀବନ ସଂଘର୍ଷ ତାକୁ ନୂଆ ପରିଚୟ ଦେଲା । ସେ ଏବେ ଖୁସିରେ ଅଛି । କେବେ କେବେ ତା ଜନ୍ମ ମାଟିରେ ପହଞ୍ଚିଲେ ସାହି ପଡିଶା ସଭିଙ୍କ ପାଇଁ ସେ ଆଦରଣୀୟା... ଆଶାର ଆଲୋକ ।

*'ସାଇ ସଦନ' ପ୍ରଶାନ୍ତି ବିହାର,*
*ଭୁବନେଶ୍ୱର - ୨୪*
*ମୋ- ୯୯୩୭୫୩୭୯୭୪*

# ଏଲେନା ରିବାକିନାଙ୍କୁ ହରାଇ କାନାଡିଆନ୍ ଓପନ୍ ଟାଇଟଲ୍ ଜିତିଲେ ଇଗା ସ୍ୱିଆଟେକ

**ନୂଆଦିଲ୍ଲୀ**

ପୋଲାଣ୍ଡର ଛଅ ଥରର ଗ୍ରାଣ୍ଡ ସ୍ଲାମ ଚାମ୍ପିଅନ୍ ଇଗା ସ୍ୱିଆଟେକ ୨୦୨୬ ସିଜନ୍‌ର ନିଜର ପ୍ରଥମ ଟାଇଟଲ୍ ଜିତିଛନ୍ତି। ସେ କାନାଡିଆନ୍ ଓପନ୍‌ର ଫାଇନାଲ୍ ମ୍ୟାଚ୍‌ରେ ବିଶ୍ୱର ନମ୍ବର-୨ ଖେଳାଳି ତଥା ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ୍ ଏଲେନା ରିବାକିନାଙ୍କୁ ସିଧାସଳଖ ସେଟ୍‌ରେ ୬-୨, ୬-୩ ରେ ପରାସ୍ତ କରିଛନ୍ତି। ସ୍ୱିଆଟେକ ମାତ୍ର ୭୫ ମିନିଟ୍‌ରେ ଏହି ମ୍ୟାଚ୍‌କୁ ନିଜ ନାମରେ କରିନେଇଥିଲେ।



ସ୍ୱିଆଟେକ ମ୍ୟାଚ୍‌ର ଆରମ୍ଭ ଅତ୍ୟନ୍ତ ଆକ୍ରମଣାତ୍ମକ ଶୈଳୀରେ କରିଥିଲେ। ସେ ପ୍ରଥମ ସେଟ୍‌ରେ ମିଳିଥିବା ଦୁଇଟିଯାକ ବ୍ରେକ୍ ପଏଣ୍ଟ ସୁଯୋଗର ଭରପୂର ଫାଇଦା ଉଠାଇଥିବା ବେଳେ ରିବାକିନାଙ୍କୁ ମିଳିଥିବା ଦୁଇଟିଯାକ ବ୍ରେକ୍ ପଏଣ୍ଟକୁ ସେ ବଞ୍ଚାଇ ଦେଇଥିଲେ। ଏହା ସହିତ ସେ ପ୍ରଥମ ସେଟ୍‌କୁ ୬-୨ ରେ ନିଜ ନାମରେ କରିଥିଲେ। ଦ୍ୱିତୀୟ ସେଟ୍‌ରେ ମଧ୍ୟ ଏହି ପୋଲିଶ୍ ଖେଳାଳି ଜଣକ ନିଜର ଦବଦବା ବଜାୟ ରଖିଥିଲେ। ସେ ଗୋଟିଏ ହେଲେ ବି ବ୍ରେକ୍ ପଏଣ୍ଟର ସାମ୍ନା କରି ନଥିଲେ ଏବଂ ମିଳିଥିବା ତିନୋଟି ସୁଯୋଗ ମଧ୍ୟରୁ ଦୁଇଟିକୁ ବିଜୟରେ ପରିଣତ କରି ସେଟ୍‌କୁ ୬-୩ରେ ଜିତି ନେଇଥିଲେ।

ଟାଇଟଲ୍ ଜିତିବା ପରେ ସ୍ୱିଆଟେକ କହିଛନ୍ତି, 'ମୁଁ ଏହି ଟାଇଟଲକୁ ସେହି ସମସ୍ତ ଲୋକଙ୍କୁ ସମର୍ପିତ କରିବାକୁ ଚାହୁଁଛି, ଯେଉଁମାନେ ଅନ୍ୟାୟପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଏବଂ ଘୃଣାର ସାମ୍ନା କରୁଛନ୍ତି।' ସେ ଆହୁରି ମଧ୍ୟ କହିଛନ୍ତି ଯେ, ନିଜ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି କ୍ରମାଗତ ଭାବେ ଆଗକୁ ବଢ଼ିବା ଉଚିତ୍ ଏବଂ ଏହା ମନେ ରଖିବା ଆବଶ୍ୟକ ଯେ ଭବିଷ୍ୟତରେ କ'ଣ ହାସଲ କରାଯାଇପାରିବ।

ଏହି ବିଜୟ ସହିତ ସ୍ୱିଆଟେକ ରିବାକିନାଙ୍କ ବିପକ୍ଷରେ ନିଜର ଡବ୍ଲୁଟିଏ ଟୁର୍ ହେଡ୍-ଟୁ-ହେଡ୍ ରେକର୍ଡକୁ ୭-୬ କରିଛନ୍ତି। ସେ ରିବାକିନାଙ୍କ ବିପକ୍ଷରେ କ୍ରମାଗତ ଦୁଇଟି ପରାଜୟର ସିଲସିଲାକୁ ମଧ୍ୟ ଶେଷ କରିଛନ୍ତି। ଦୁଇ ଖେଳାଳିଙ୍କ ମଧ୍ୟରେ ଏହା ଦ୍ୱିତୀୟ ଫାଇନାଲ୍ ଲଢ଼େଇ ଥିଲା ଏବଂ ଦୁଇଟିଯାକ ସୁଯୋଗରେ ସ୍ୱିଆଟେକ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି।

ସ୍ୱିଆଟେକ କାନାଡିଆନ୍ ଓପନ୍ ?ରେ ନିଜର ଅଭିଯାନ ଅତ୍ୟନ୍ତ ଚମତ୍କାର ଶୈଳୀରେ ଆରମ୍ଭ କରିଥିଲେ। ସେ ପ୍ରଥମ ମ୍ୟାଚ୍‌ର ଗୋଟିଏ ସେଟ୍‌କୁ ୬-୦ ରେ ଜିତିଥିଲେ ଏବଂ ପ୍ରାରମ୍ଭିକ ଦୁଇଟି ମ୍ୟାଚ୍‌ରେ ସର୍ବମୋଟ ମାତ୍ର ଛଅଟି ଗେମ୍ ହରାଇଥିଲେ। ରାଉଣ୍ଡ ଅଫ୍ ୧୬ ରେ ସେ ମାର୍ତ୍ତା କୋଷ୍ଟ୍ୟୁକଙ୍କ ବିପକ୍ଷରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ଏହାପରେ କ୍ୱାର୍ଟର ଫାଇନାଲ୍‌ରେ ଡାୟନା ଶ୍ନାଇଡରଙ୍କୁ ୬-୧, ୬-୨ ରେ ପରାସ୍ତ କରିଥିଲେ। ସେମିଫାଇନାଲ୍‌ରେ ସ୍ୱିଆଟେକ ତିନୋଟି ସେଟ୍‌ର ଲଢ଼େଇରେ ଏଲିନା ସ୍ୱିତୋଲିନାଙ୍କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଏହି ବିଜୟ ସହିତ ସେ ଚଳିତ ସିଜନ୍‌ରେ ସ୍ୱିତୋଲିନାଙ୍କ ବିପକ୍ଷରେ ମିଳିଥିବା ଦୁଇଟି ତିନି-ସେଟ୍‌ର ପରାଜୟର ପ୍ରତିଶୋଧ ମଧ୍ୟ ନେଇଥିଲେ।

# ଆଜିଠୁ ଭାରତ-ଶ୍ରୀଲଙ୍କା ଟେଷ୍ଟ ସିରିଜ୍ : ସୋନି ସ୍ପୋର୍ଟସ୍‌ରେ ଦେଖିପାରିବେ ମ୍ୟାଚ୍


**ନୂଆଦିଲ୍ଲୀ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ସିରିଜ୍‌ର ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଗଲ୍ ଠାରେ ଆରମ୍ଭ ହେବ। ଏହା ପୂର୍ବରୁ ବର୍ତ୍ତମାନ ପ୍ରସ୍ତୁତି ଜାରି ରହିଛି। ଭାରତୀୟ ଦଳ ନିଜର ଏକ ମାତ୍ର ଅଭ୍ୟାସ ମ୍ୟାଚ୍ ଖେଳି ସାରିଛି ଏବଂ ଏଥିରେ ବିଜୟୀ ହେବାରେ ମଧ୍ୟ ସଫଳ ହୋଇଛି। ଶୁବମନ ଗିଲ୍‌ଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆର ଶ୍ରୀଲଙ୍କା ଗସ୍ତ କରିଛି। ଦୁଇଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲୁଟିସି) ଅଧୀନରେ ଖେଳାଯିବ, ତେଣୁ ଏହା ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବୁଲ୍‌ରେ ତଳେ ରହିଛି। କିନ୍ତୁ ଯଦି ଦୁଇଟିଯାକ ମ୍ୟାଚ୍‌ରେ ବିଜୟ ମିଳେ, ତେବେ ସମ୍ଭବ ଯେ ଦଳକୁ ପଏଣ୍ଟ ଟେବୁଲରେ ଫାଇଦା ହେବ ଏବଂ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ ଆଶା ଉଜ୍ଜୀବିତ ରହିବ, ଯଦି ପରାଜୟ ମିଳେ ତେବେ ମାମଲା ବିଗିଡ଼ିଯିବ। ସେଥିପାଇଁ ଏହି ସିରିଜ୍‌ର ମହତ୍ତ୍ୱ ବଢ଼ିଯାଉଛି। ଭାରତ ବନାମ ଶ୍ରୀଲଙ୍କା ସିରିଜ୍ ମ୍ୟାଚ୍‌ର ସିଧାପ୍ରସାରଣର ମିଡିଆ ରାଇଟ୍ସ ସୋନି ସ୍ପୋର୍ଟସ୍ ନେଟୱର୍କ ପାଖରେ ରହିଛି। ଅର୍ଥାତ୍ ଯଦି ଆପଣ ଟିଭିରେ ମ୍ୟାଚ୍ ଗୁଡ଼ିକୁ ଲାଇଭ୍ ଦେଖିବାକୁ ଚାହୁଁଛନ୍ତି, ତେବେ ଏଥିପାଇଁ ଆପଣଙ୍କୁ ସୋନି ସ୍ପୋର୍ଟସ୍ ଚ୍ୟାନେଲ୍‌କୁ ଯିବାକୁ ହେବ। ଏଠାରେ ଅନେକ ଚ୍ୟାନେଲ୍‌ରେ ଅଲଗା ଅଲଗା ଭାଷାର କମେଣ୍ଟ୍ରି ସହ ଲାଇଭ୍ ମ୍ୟାଚ୍ ଦେଖିବାକୁ ମିଳିବ। କିନ୍ତୁ ଯଦି ଆପଣ ନିଜ ମୋବାଇଲ୍‌ରେ ମ୍ୟାଚ୍ ଦେଖିବାକୁ ଚାହୁଁଛନ୍ତି, ତେବେ ସେଥିପାଇଁ ଆପଣଙ୍କୁ ସୋନି ଲିଭ୍ ଆପ୍‌କୁ ଯିବାକୁ ପଡ଼ିବ। ତେବେ ଏଥିପାଇଁ ଆପଣଙ୍କୁ କିଛି ପଇସା ନିଶ୍ଚିତ ଭାବେ ଖର୍ଚ୍ଚ କରିବାକୁ ହେବ।

# ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଦଳ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁଥିବା ୫୨ତମ କନିଷ୍ଠ ରାଜ୍ୟସ୍ତରୀୟ କବାଡ଼ି ଚମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଦଳ ଭୁବନେଶ୍ୱର ଗସ୍ତ କରିଛି। ପୁରୁଷ ଦଳରେ ଲିପୁନ ଦାସ, ଲକ୍ଷ୍ମୀଧର ବାଗ, ଗୌତମ ଗୋଛାୟତ, ଓମ୍ ପଣ୍ଡିତ, ସୋନେଶ୍ୱର ଦଳେଇ, ସୁପ୍ରଭାତ ସେନାପତି, ବିଶ୍ୱଜିତ କୁଁଅର, ସତ୍ୟମ ଗିରି, ରିତେଶ ମୁଖି, ନିରାକର ପରିଡ଼ା, ସାଇ ପ୍ରତୀକ ଭଞ୍ଜଦେଓ, ସିମନ ମୁର୍ମୁ ଓ ମହିଳା ଦଳରେ ନ. ଦେବକୀ ସୋରେନ, ସୁନିତା ଧଳ, ସନ୍ଧ୍ୟାରାଣୀ ସିଂ, ଦିପ୍ତିମୟୀ ଧୀର, ଯମୁନା ସିଂ, ଆକାଂକ୍ଷା ସୁଭଦର୍ଶିନୀ ନାୟକ, ସୁଭଦ୍ରା ଚାପେୟାର, ସୋନାକ୍ଷୀ ମୁର୍ମୁ, ଆଲିୟା ମହାନ୍ତ ସ୍ଥାନ ପାଇଛନ୍ତି। କୋଚ୍ ଭାବେ ମିହିର ରଞ୍ଜନ ବେହେରା ଓ ମ୍ୟାନେଜର ଭାବେ ମାନସ ମହାପାତ୍ର ଦଳ ସହିତ ଗସ୍ତ କରିଛନ୍ତି। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, କବାଡି ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରା, ବରିଷ୍ଠ ସଦସ୍ୟ ରତିକାନ୍ତ ବେହେରା କ୍ରୀଡା ପ୍ରଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ଓ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ସଫଳତା କାମନା କରିଥିଲେ




# ଭିଭିଏସ ଲକ୍ଷ୍ମଣଙ୍କୁ ଗୌତମ ଗମ୍ଭୀରଙ୍କ ଠାରୁ ମଧ୍ୟ ଉଚ୍ଚ ପଦବୀ ପ୍ରଦାନ କରିବ ବିସିସିଆଇ

**ନୂଆଦିଲ୍ଲୀ**

ବିସିସିଆଇ ପୂର୍ବତନ ଷ୍ଟାଇଲିସ ଭାରତୀୟ ବ୍ୟାଟ୍ସମ୍ୟାନ ଏବଂ ସେଣ୍ଟର ଅଫ ଏକ୍ସିଲେନ୍ସ (ସିଇଓ)ର ବର୍ତ୍ତମାନର ମୁଖ୍ୟ – ଭିଭିଏସ ଲକ୍ଷ୍ମଣଙ୍କୁ କ୍ରିକେଟ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରିବାକୁ ଯାଉଛି। ଏହି ବିକାଶ ଏପରି ସମୟରେ ଆସିଛି ଯେତେବେଳେ ବିସିସିଆଇ ସେପ୍ଟେମ୍ବରରେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକର ସମ୍ଭାବ୍ୟ ପୁନର୍ଗଠନ ପାଇଁ ପ୍ରସ୍ତୁତ ହେଉଛି। ଯଦି ଏହି ନିଯୁକ୍ତି ବାସ୍ତବରେ ପରିଣତ ହୁଏ, ତେବେ ମୁଖ୍ୟ ଚୟନକର୍ତ୍ତା ଏବଂ ମୁଖ୍ୟ ପ୍ରଶିକ୍ଷକ ଉଭୟ କ୍ରିକେଟ ନିର୍ଦ୍ଦେଶକ ଭାବରେ ଭିଭିଏସ ଲକ୍ଷ୍ମଣଙ୍କୁ ରିପୋର୍ଟ କରିବେ।




# ଏସିଆନ୍ ଗେମ୍ସରେ ହେବନି ଭାରତ-ପାକିସ୍ତାନ ମ୍ୟାଚ୍ !




**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳ ପାକିସ୍ତାନ ବିପକ୍ଷରେ ଦ୍ୱିପାକ୍ଷିକ ସିରିଜ୍ ଖେଳେ ନାହିଁ। ଏହି କାରଣରୁ ଆଇସିସି ସହିତ ଏସିସି ଇଭେଣ୍ଟଗୁଡ଼ିକରେ ଚେଷ୍ଟା କରାଯାଏ ଯେପରି ଦୁଇ ଦଳ ମଧ୍ୟରେ ଅଧିକରୁ ଅଧିକ ମ୍ୟାଚ୍ ହୋଇପାରିବ। ଏସିଆ କପ୍‌ରେ ତ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିନିଟି ମ୍ୟାଚ୍ ହୋଇଯାଏ। ବର୍ତ୍ତମାନ ସେପ୍ଟେମ୍ବର-ଅକ୍ଟୋବରରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ନେଇ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଏହି ଦୁଇ ଦଳ ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରେ ପରସ୍ପରର ସାମ୍ନାସାମ୍ନି ହେବେ ନାହିଁ। କେବଳ ମେଡାଲ ମ୍ୟାଚ୍‌ରେ ହିଁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଟକ୍କର ହୋଇପାରେ।

ଜାପାନର ନାଗୋୟାରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଡ୍ର' ପ୍ରକାଶ ପାଇବା ପରେ ସ୍ପଷ୍ଟ ହୋଇଯାଇଛି ଯେ ଭାରତ ଏବଂ ପାକିସ୍ତାନ ଦଳ ପ୍ରାରମ୍ଭିକ ପର୍ଯ୍ୟାୟରେ ପରସ୍ପର ବିପକ୍ଷରେ ଖେଳିବେ ନାହିଁ। ଯଦି ଭାରତ ଏବଂ ପାକିସ୍ତାନର ସାମ୍ନାସାମ୍ନି ହୁଏ, ତେବେ ତାହା କେବଳ ଗୋଲ୍ଡ ମେଡାଲ୍ କିମ୍ବା ବ୍ରୋଞ୍ଜ ମେଡାଲ୍ ମ୍ୟାଚ୍‌ରେ ହିଁ ସମ୍ଭବ ହେବ। ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ସିଧାସଳଖ କ୍ୱାର୍ଟର ଫାଇନାଲ୍‌ରେ ସ୍ଥାନ ମିଳିଛି। ଅନ୍ୟପଟେ ଆଫଗାନିସ୍ତାନ ସମେତ ଅନ୍ୟ ଛଅଟି ଦଳକୁ ଗ୍ରୁପ୍ ପର୍ଯ୍ୟାୟ ଖେଳି ନକ୍‌ଆଉଟ୍‌ରେ ପହଞ୍ଚିବାକୁ ହେବ।

ଭାରତକୁ କ୍ୱାର୍ଟରଫାଇନାଲ-୨ରେ ରଖାଯାଇଛି। ଯେଉଁଠାରେ କି ପାକିସ୍ତାନ କ୍ୱାର୍ଟରଫାଇନାଲ-୧ରେ ଖେଳିବ। ଦୁଇ ଦଳର ମ୍ୟାଚ୍ ସେପ୍ଟେମ୍ବର ୨୮ ରେ ଅନୁଷ୍ଠିତ ହେବ। ସେମିଫାଇନାଲରେ ମଧ୍ୟ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଟକ୍କର ସମ୍ଭବ ନୁହେଁ, କାରଣ କ୍ୱାର୍ଟରଫାଇନାଲ-୧ର ବିଜେତା କ୍ୱାର୍ଟରଫାଇନାଲ-୪ ର ବିଜେତା ଦଳ ସହିତ ସେମିଫାଇନାଲ ଖେଳିବ। ଅନ୍ୟପଟେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଦ୍ୱିତୀୟ ଏବଂ ତୃତୀୟ କ୍ୱାର୍ଟରଫାଇନାଲର ବିଜେତା ଦଳ ମଧ୍ୟରେ ହେବ। ଯଦି ଦୁଇ ଦଳ କ୍ୱାର୍ଟରଫାଇନାଲ ଏବଂ ସେମିଫାଇନାଲ ଜିତିଯାଆନ୍ତି, ତେବେ ଫାଇନାଲରେ ପରସ୍ପର ସହ ଭିଡ଼ିପାରନ୍ତି। ସେହିପରି ଯଦି ଦୁଇ ଦଳ ସେମିଫାଇନାଲରେ ହାରିଯାଆନ୍ତି, ତେବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବ୍ରୋଞ୍ଜ ମେଡାଲ୍ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଯଦି ଗୋଟିଏ ଦଳ ଫାଇନାଲରେ ପହଞ୍ଚିଯାଏ ଏବଂ ଅନ୍ୟ ଦଳ ସେମିଫାଇନାଲରେ ହାରିଯାଏ, ତେବେ ଏସିଆନ୍ ଗେମ୍ସ ୨୦୨୬ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଦେଖିବାକୁ ମିଳିବ ନାହିଁ।

କ୍ୱାଲିଫାଇଙ୍ଗ୍ ରାଉଣ୍ଡର ଗ୍ରୁପ୍ ଏ'ରେ ଆଫଗାନିସ୍ତାନ, ଜାପାନ ଓ ନେପାଳକୁ ସ୍ଥାନ ମିଳିଛି। ଅନ୍ୟପଟେ ଗ୍ରୁପ୍ ବି'ରେ ହଂକଂ, ମାଲେସିଆ ଏବଂ ଓମାନ ରହିଛନ୍ତି। କ୍ୱାଲିଫାଇଙ୍ଗ୍ ରାଉଣ୍ଡରେ ସମସ୍ତ ଦଳ ନିଜ ନିଜ ଗ୍ରୁପ୍‌ରେ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଦୁଇଟି ଯାକ ଗ୍ରୁପର ଶୀର୍ଷ-୨ ଦଳ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିବେ।



ଭୁବନେଶ୍ୱର, ୧୫ ଅଗଷ୍ଟ, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



















ସ୍ୱାଧୀନତା ଦିବସ ଉତ୍ସବ ପାଳନ ଅବସରରେ ରାଜଧାନୀ ଭୁବନେଶ୍ୱରରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ରଙ୍ଗୀନ ଆଲୋକମାଳାରେ ସଜା ଯାଇଛି । (ଫଟୋ : ସମ୍ବାଦ କଳିକା)

# ବୈତରଣୀ ନଦୀରେ ପୁଣି ବିପଦ ସଙ୍କେତ ଟପିଲା ଜଳସ୍ତର

## ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ପରଖିଲେ ଜିଲ୍ଲାପାଳ : ଗେଙ୍ଗୁଟି ନଦୀରେ ଭାସିଯାଇ ଚାଷୀ ନିଖୋଜ







**ଯାଜପୁର/ଧାମନଗର,୧୪।୮**
**ନ୍ୟୁଜ୍‌ବ୍ୟୁରୋ**

ବୈତରଣୀ ନଦୀର ଉପରମୁଣ୍ଡରେ ସୃଷ୍ଟ ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲାରେ ପୁନର୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆଖୁଆପଦାଠାରେ ବୈତରଣୀ ନଦୀର ବିପଦ ସଙ୍କେତ ୧୮.୩୩ ମିଟର ରହିଥିବା ବେଳେ ସକାଳ ୮ଟା ସୁଦ୍ଧା ଜଳସ୍ତର ୧୯.୩୭ ମିଟରରେ ପ୍ରବାହିତ ହୋଇଛି । ଫଳରେ ଜିଲ୍ଲାର ଯାଜପୁର, କୋରେଇ ଓ ଦଶରଥପୁର ବ୍ଲକର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇଛି ।

ଏହି ବନ୍ୟାରେ ୩ଟି ବ୍ଲକର ୧୦ଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୨୧ଟି ଗ୍ରାମ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବନ୍ୟା ଜଳ ମାଡ଼ିଯିବା ଫଳରେ ମୋଟ ୩୧,୮୭୧ ଜଣ ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଏହାସହ ବନ୍ୟା ଜଳ ଯୋଗୁଁ ୫ଟି ମୁଖ୍ୟ ସଡ଼କ ପଥରେ ଯାତାୟାତ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି ।

ବନ୍ୟାଜଳ ଗ୍ରାମ ମଧ୍ୟକୁ ପ୍ରବେଶ କରୁଛି । ଜନସାଧାରଣଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଦଶରଥପୁର ବ୍ଲକ୍‌ରେ ଓଡ୍ରାଫ୍ ୧ଟି ୟୁନିଟ୍‌କୁ ନିୟୋଜିତ କରାଯାଇଛି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୯,୧୮୯ ଜଣ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ପାଇଁ ୧୯ଟି ଆଶ୍ରୟସ୍ଥଳୀ ଓ ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଚାଲୁ କରାଯାଇଛି ।

ବନ୍ୟା ପରିସ୍ଥିତିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି । ସେ ନିଜେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିବା ସହ ପ୍ରଭାବିତଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ବନ୍ୟା ପ୍ରଭାବିତ ଅଞ୍ଚଳରେ ବନ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି ।

ସେହିପରି ଧାମନଗରରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ପୁଣି ଫୁଲିଛି ବୈତରଣୀ । ନଦୀର ଜଳସ୍ତର ବିପଦ ସଂକେତ ଟପିବା ସହ ଗେଙ୍ଗୁଟିରେ ମଧ୍ୟ ବନ୍ୟାଜଳ ବଢ଼ିବାରୁ ଧାମନଗର ବ୍ଲକର ଦୋବଲ ଜୋନ୍‌ରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି । ବିଭିନ୍ନ ଗାଁ ଓ ଚାଷଜମିକୁ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଦୋବଲ-କ୍ଷେଣ୍ଟପୁର ରାସ୍ତାର ଗେଙ୍ଗୁଟି ନଦୀ ପୋଲ ବୁଡ଼ିଯାଇ ଯାତାୟାତ ବନ୍ଦ ହୋଇଛି ।

ସବୁଠାରୁ ଚିନ୍ତାଜନକ ଘଟଣା ଘଟିଛି ଗେଙ୍ଗୁଟି ନଦୀରେ । ବିଲରୁ ଘରକୁ ଫେରୁଥିବା ବେଳେ ବନ୍ୟାଜଳ ସ୍ରୋତରେ ଜଣେ ଚାଷୀ ଭାସିଯାଇ ନିଖୋଜ ହୋଇଛନ୍ତି । ଧାମନଗର ଥାନା ଅଧୀନ ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁର ଜେନାସାହିର ଗଣେଶ ଜେନା (୫୦) ନିଖୋଜ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଗଣେଶଙ୍କ ସମେତ ୫ଜଣ ଚାଷୀ ଧାନ ରୋଇବା ପାଇଁ ବିଲକୁ ଯାଇଥିଲେ । ଏହି ସମୟରେ ବନ୍ୟାଜଳ ବଢ଼ିବାରୁ ସେମାନେ ଘରକୁ ଫେରୁଥିଲେ । ନଦୀ ନିକଟରେ ପ୍ରବଳ ଜଳସ୍ରୋତ ମଧ୍ୟରେ ଗଣେଶ ଭାସିଯାଇଥିଲେ । ତାଙ୍କ ସହ ଥିବା ଅନ୍ୟ ଜଣେ ଚାଷୀ କୌଣସିମତେ କୂଳକୁ ଉଠିଆସିଥିଲେ । ଖବର ପାଇ ପରିବାର ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଉଦ୍ଧାରକାରୀ ଦଳ ମଧ୍ୟ ସନ୍ଧାନ ଆରମ୍ଭ କରିଥିଲେ । ତେବେ ଦୀର୍ଘ ସମୟର ସନ୍ଧାନ ସତ୍ତ୍ୱେ ଗଣେଶଙ୍କ ପତ୍ତା ମିଳିନାହିଁ ।

ଏପଟେ ଭଣ୍ଡାରିପୋଖରୀ ବ୍ଲକର କଣ୍ଟିଘାଇ ଦେଇ ବନ୍ୟାଜଳ ଗେଙ୍ଗୁଟିକୁ ପ୍ରବେଶ କରିବାରୁ ଦୋବଲ ଜୋନର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉତ୍ତେଇପୁର ନିକଟ ମଲ୍ଲିମାହାରା ଏସକେପ୍ ଦେଇ ବନ୍ୟାଜଳ ଗାଁ ଭିତରକୁ ପଶିଛି । ଗୌରାଙ୍ଗପୁର ଏସକେପ୍ ଦେଇ ମଧ୍ୟ ଜଳ ପ୍ରବେଶ କରୁଥିବାରୁ ସୋହଡ଼ା, କରଦା ଓ ପଧାନି ପଞ୍ଚାୟତର ବିଭିନ୍ନ ଗାଁ ପ୍ରତି ବନ୍ୟା ବିପଦ ବଢ଼ିଛି । ଖଡ଼ିପଦାର କାଞ୍ଜିଆପାଳ ଓ ବେଦପୁର, ସୋହଡ଼ାର ମିଶ୍ରପୁର, ପିତେଇପୁର ଓ ବାଲିପଡ଼ା ଏବଂ କରଦା ପଞ୍ଚାୟତର ସାପୁଆପାଟଣା ଓ ଭାର୍ଦ୍ଦାକଟକ ଅଞ୍ଚଳରେ ମଧ୍ୟ ବନ୍ୟାଜଳ ପ୍ରବେଶ ଆରମ୍ଭ କରିଛି । ଜଳସ୍ତର ଆହୁରି ବଢ଼ିଲେ ବହୁ ଗାଁ ଜଳବନ୍ଦୀ ହେବା ଆଶଙ୍କା ରହିଛି । ଶୁକ୍ରବାର ମଧ୍ୟାହ୍ନରେ ଦୋବଲ ଗେଙ୍ଗୁଟି ନଦୀ ପୋଲ ବୁଡ଼ିଯିବାରୁ ଦୋବଲ-କ୍ଷେଣ୍ଟପୁର ରାସ୍ତାରେ ଯାତାୟାତ ବନ୍ଦ ହୋଇଛି । ଖଡ଼ିପଦା-ଆନନ୍ଦପୁର ରାସ୍ତା ଉପରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଛି ।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଶୁକ୍ରବାର ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସେମାନେ ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଜରୁରୀ ପରିସ୍ଥିତିରେ ସ୍ଥାନାନ୍ତର, ରିଲିଫ୍ ଓ ଆବଶ୍ୟକ ସହାୟତା ତୁରନ୍ତ ଯୋଗାଇଦେବାକୁ ଅଧିକାରୀଙ୍କୁ କହିଛନ୍ତି ।

# ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ : ସମସ୍ତ ପ୍ରସଙ୍ଗକୁ ନେଇ ସରକାରକୁ ବିରୋଧ କରିବ ବିଜେଡି



**ଭୁବନେଶ୍ୱର,୧୪।୮**
**ନ୍ୟୁଜ୍‌ବ୍ୟୁରୋ**

ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚାଷୀ ସମସ୍ୟା, ଏମଏମଡିଆର ସଂଶୋଧନ ବିଲ୍, ବହି ତ୍ରୁଟି ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ସିଧାସଳଖ ଚେତାବନୀ ଦେଇଛି ବିଜୁ ଜନତା ଦଳ ।

ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ସରକାର ସମୟରେ ଭାଗ ଚାଷୀ ସୁରୁଖୁରୁରେ ପଞ୍ଜିକରଣ କରୁଥିଲେ । ବର୍ତ୍ତମାନର ବିଜେପି ସରକାର ଭାଗ ଚାଷୀଙ୍କ ଅଧିକାରକୁ ଛଡ଼େଇ ନେଇଛନ୍ତି । ସରକାର ଚାହୁଁ ନାହାନ୍ତି ଚାଷୀ ଅଧିକ ଅମଳ କରୁ । ତେଣୁ ବର୍ତ୍ତମାନ ବିଜେପି ସରକାର ପୂର୍ବ ଭଳି ଭାଗ ଚାଷୀଙ୍କୁ ପଞ୍ଜୀକରଣ କରିବାକୁ ସହଜ କରନ୍ତୁ । ସେହିଭଳି ଗତ ସରକାରରେ ଏସଏଚଜି ମହିଳାମାନଙ୍କୁ ଧାନ କିଣିବାକୁ ସୁଯୋଗ ମିଳିଥିଲା । କିନ୍ତୁ ଆଜିର ଦିନରେ ବିଜେପି ସରକାର ୫୮୦ରୁ ଅଧିକ ଏସଏଚଜିଙ୍କୁ ବନ୍ଦ କରିଛି । ଏକଥାକୁ ଆମେ ଆଗାମୀ ଦିନରେ ଦୃଢ଼ ବିରୋଧ କରିବୁ ବୋଲି କହିଛନ୍ତି ପ୍ରମିଳା ମଲ୍ଲିକ । ଏ ସମସ୍ତ ଘଟଣାକୁ ତୁରନ୍ତ ସମାଧାନ ନ କଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ । ଦଳର ସୁପ୍ରିମୋ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶାର ସ୍ୱାର୍ଥ ବାଧା ପାଇଲେ ଆମେ ଲଢ଼େଇ କରିବୁ ।




# ବିଡିଏର ପୂର୍ବତନ ସେକ୍ସନ ଅଫିସର ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,୧୪।୮ :ନ୍ୟୁଜ୍‌ବ୍ୟୁରୋ**

ବିଡିଏର ପୂର୍ବତନ ସେକ୍ସନ ଅଫିସର ଲାଞ୍ଚ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଘରର ମାଲିକାନା ହସ୍ତାନ୍ତର ପାଇଁ ମାଗୁଥିଲେ ଲାଞ୍ଚ । ପୂର୍ବତନ ସେକ୍ସନ ଅଫିସର ହେଲେ ତାରିଣୀ ଚରଣ ଦାସ । ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱର ତାଙ୍କୁ ୩ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ରାୟ ଶୁଣାଇଛନ୍ତି । ସୂଚନା ଅନୁସାରେ, ବିଡିଏର ପୂର୍ବତନ ସେକ୍ସନ ଅଫିସର ତାରିଣୀ ଚରଣ ଦାସ ଅବସର ପରେ ଘରର ମାଲିକାନା ହସ୍ତାନ୍ତର ପାଇଁ ଆବେଦନ କାରୀଙ୍କ ଠାରୁ ୫ହଜାର ଟଙ୍କା ଲାଞ୍ଚ ମାଗୁଥିଲେ । ଏହି ଘଟଣାରେ ଭିଜିଲାନ୍ସ ତାଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରିଥିଲା । ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱର ଏହି ମାମଲାର ଶୁଣାଣି କରି ତାଙ୍କୁ ୩ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ଜରିମାନା ରାୟ ଶୁଣାଇଛନ୍ତି । ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କର ପେନସନ ବନ୍ଦ କରିବା ପାଇଁ କୁହାଯାଇଛି ।

# ଯୌତୁକ ପାଇଁ ସ୍ତ୍ରୀକୁ ମାରି ପୋଖରୀକୁ ଫିଙ୍ଗିଦେଲା ସ୍ୱାମୀ !

**ନୟାଗଡ଼,୧୪।୮ :ନ୍ୟୁଜ୍‌ବ୍ୟୁରୋ**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ବେଲଦ୍ୱାର ଗାଁରେ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି । ଯୌତୁକ ଜନିତ କଳହକୁ କେନ୍ଦ୍ର କରି ଜଣେ ନୃଶଂସ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ହାତ ବାନ୍ଧି ପୋଖରୀକୁ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗରେ ପୁଲିସ ମୃତକଙ୍କ ସ୍ୱାମୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ଏହି ମର୍ମନ୍ତୁଦ ଘଟଣାରେ ପ୍ରାଣ ହରାଇଥିବା ମହିଳାଜଣକ ହେଲେ ତପସ୍ୱିନୀ ସାହୁ । ଗତ ୨୦୨୦ ମସିହାରେ ତପସ୍ୱିନୀଙ୍କର ସଦର ଥାନା ଅଞ୍ଚଳର ବିନ ପ୍ରଧାନଙ୍କ ପୁଅ ବକ୍ସି ପ୍ରଧାନଙ୍କ ସହ ବିବାହ ହୋଇଥିଲା । ଉଭୟଙ୍କର ଏକ ୫ ବର୍ଷର ଝିଅ ମଧ୍ୟ ରହିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୪/୦୮/୨୦୨୬
୩,୬୦,୬୫୩/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

